ଧରିତ୍ରୀ
DHARITRI
June 11-17, 2023 ₹ 2/-

ଛୁଟିଦିନ





## ସ୍ୱାଦର ଅନନ୍ୟ ପରମ୍ପରା

# ଗୁଡ଼

ପ୍ରଚ୍ଛଦ ପ୍ରସଙ୍ଗ

୪

ଗୁଡ଼ ଆମ ସଂସ୍କୃତି, ପରମ୍ପରା ସହ ବେଶ୍ ନିବିଡ଼ଭାବେ ଜଡ଼ିତ। ସେ ପଞ୍ଚାମୃତ ହେଉକି ରଜପର୍ବର ଆକର୍ଷଣ ପୋଡ଼ ପିଠା, ଏ ସବୁ ତ ଯେମିତି ଗୁଡ଼ ବିନା ଅଧୁରା। ସେଥିପାଇଁ ତ ଆଧୁନିକତାର ଛାପରେ ଏହାର ଚାହିଦା କିଛିଟା କମିଥିଲେ ହେଁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇନି ଏହାର ସତ୍ତା...





## ଦୀପ ଜାଳିବାକୁ ନେଇ ନିୟମ

**ହିନ୍ଦୁଧର୍ମରେ ଦୀପ ଜାଳିବାକୁ ସକାରାତ୍ମକତା ତଥା ଶୁଭର ପ୍ରତୀକ ବୋଲି କୁହାଯାଏ। ତେଣୁ ପ୍ରତିଦିନ ପୂଜା କରିବାବେଳେ ଠାକୁରଙ୍କ ପାଖେ ଦୀପ ଜଳାଯାଇଥାଏ। ତେବେ ଏହି ଦୀପ ଜାଳିବାକୁ ନେଇ ମଧ୍ୟ ବାସ୍ତୁଶାସ୍ତ୍ରରେ କିଛିଟା ନିୟମ ରହିଛି। ଯେମିତିକି...**

✲ ବାସ୍ତୁଶାସ୍ତ୍ର ଅନୁଯାୟୀ, ଦୀପକୁ କେବେ ବି ଦକ୍ଷିଣ ମୁହାଁ କରି ରଖିବେ ନାହିଁ। କାରଣ ଏହି ଦିଗର ସ୍ୱାମୀ ହେଲେ ପ୍ରଭୁ ଯମରାଜ। ଦକ୍ଷିଣ ମୁହାଁ କରି ଦୀପ ରଖିଲେ ଘରେ ଧନର ଅଭାବ ଦେଖାଯାଇଥାଏ ବୋଲି ବିଶ୍ୱାସ ରହିଛି।

✲ ଦୀପର ମୁହଁ ପୂର୍ବ ଦିଗକୁ ରହିଲେ ଘରର କର୍ତ୍ତାଙ୍କର ଆୟୁଷ ବୃଦ୍ଧି ହୋଇଥାଏ ବୋଲି ମାନ୍ୟତା ରହିଛି।

✲ ପଶ୍ଚିମ ମୁହାଁ କରି ଦୀପ ଜାଳିବା ବି ଶୁଭ ହୋଇଥାଏ। କୁହାଯାଏ,



ଏହି ଦିଗକୁ ଦୀପର ମୁହଁ ରହିଲେ ଯେ କୌଣସି ସମସ୍ୟା ଆସୁ ଆପେ ଆପେ ତାହାର ସମାଧାନର ବାଟ ଖୋଲିଯାଏ।

✲ ସେହିପରି ଉତ୍ତର ଦିଗକୁ ମଧ୍ୟ ଦୀପର ମୁହଁ ରଖି ଜାଳିଲେ ଧନପ୍ରାପ୍ତି ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

✲ କେବଳ ଠାକୁର ଘର କାହିଁକି, ଦାଣ୍ଡଦୁଆର, ଚଉରା ମୂଳ ଏପରିକି ଘର ପାଖରେ ଥିବା ଅଶ୍ୱତ୍ଥ ଗଛ ମୂଳରେ ମଧ୍ୟ ପ୍ରତିଦିନ ଦୀପ ଜାଳିବା ଶୁଭ ହୋଇଥାଏ। କୁହାଯାଏ, ଅଶ୍ୱତ୍ଥ ଗଛରେ କୁଆଡ଼େ ତେତିଶ କୋଟି ଦେବଦେବୀ ବାସ କରିଥାନ୍ତି।

✲ ଅନ୍ୟପକ୍ଷେ ଯଦି କୌଣସି ନିକାଞ୍ଚନ ସ୍ଥାନରେ ଶିବଲିଙ୍ଗ ଥିବାର ଜାଣନ୍ତି, ତା'ହେଲେ ପ୍ରତିଦିନ ସନ୍ଧ୍ୟାରେ ସେଠାରେ ଦୀପଟିଏ ଜାଳି ଦେଇ ଆସନ୍ତୁ, ପ୍ରଭୁକୃପା ଲାଭ ହେବ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁନ୍ ୧୧-୧୭

**ମେଷ**
ମାନସିକ ଅସ୍ଥିରତା, ଆଶଙ୍କାଗ୍ରସ୍ତ ହୋଇପାରନ୍ତି, ସଭାକୁ ଆମନ୍ତ୍ରଣ, ଆତ୍ମୀୟଙ୍କ ସ୍ୱାସ୍ଥ୍ୟସଙ୍କଟ, ଇଚ୍ଛାବିରୁଦ୍ଧ କାମ କରିବେ, ଯୁବବ୍ୟକ୍ତିଙ୍କ ସହାୟତା, ବନ୍ଧୁ ମିଳନ ଘଟିପାରେ, କଳା, କ୍ରୀଡା ଓ ଯୋଗସାଧନାରୁ ପ୍ରଶଂସା ॥

**ବୃଷ**
ଆରୋଗ୍ୟ ଲାଭ କରିବେ, ପରକଥାରେ ମନ ଚହଲିବ, ବିଶ୍ୱାସ କରି ହଇରାଣ, ଧୈର୍ଯ୍ୟଚ୍ୟୁତି ଘଟିପାରେ, ବିଭିନ୍ନ ସୂତ୍ରରୁ ରୋଜଗାର, ଭୁଲ୍ ଖବରରୁ ବିସ୍ମୟ, ବିବ୍ରତ ହୋଇପାରନ୍ତି, ଭ୍ରମଣ ହେତୁକ କ୍ଳାନ୍ତି, ଶୁଭଖବର ପାଇବେ ॥

**ମିଥୁନ**
କଠିନ ପରିଶ୍ରମ କରିବେ, ଆର୍ଥିକ ଉନ୍ନତି ହେବ, ପ୍ରତୀକ୍ଷିତ ଖବରଟି ପାଇବେ, ଅତିଥି ଚର୍ଚ୍ଚା କରିପାରନ୍ତି, ସାମାଜିକ ପ୍ରଶଂସା ମିଳିବ, କଳାସାହିତ୍ୟରେ ଉନ୍ନତି, ଉଚ୍ଚଶିକ୍ଷା ପ୍ରତି ଆଗ୍ରହ, ଭ୍ରମଣ ସୁଯୋଗ ମିଳିବ, ପରୋକ୍ଷ ଶତ୍ରୁତାରୁ ଦୁଃଶ୍ଚିନ୍ତା ॥

**କର୍କଟ**
ଶାରୀରିକ ଅସୁସ୍ଥତା, ନିର୍ଭରଶୀଳ ହେବେ, ସଫଳତାରେ ଆନନ୍ଦ, ଭୁଲ କାମ କରିପାରନ୍ତି, ସାମାଜିକ ସମ୍ମାନ ଲାଭ, ସମସ୍ୟାର ସମାଧାନ, ସହାୟତା ପାଇବେ, ଅଶୌଚଖବର ପାଇପାରନ୍ତି ॥

**ସିଂହ**
ଅବହେଳାରୁ କର୍ମହାନୀ, ଉପରିସ୍ଥଙ୍କ କୈଫିୟତ୍ ତଲବ, ସ୍ତ୍ରୀଙ୍କ ପ୍ରେରଣା ଓ ପରାମର୍ଶ, ଧର୍ମକାର୍ଯ୍ୟ ପ୍ରତି ରୁଚି, ସହମତିରେ କାର୍ଯ୍ୟାରମ୍ଭ, ଲୋକସମ୍ପର୍କ ବଢ଼ିବ, ଟେନସନ୍ ବଢି ଯାଇପାରେ, ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ॥

**କନ୍ୟା**
ଆଲୋଚନାରେ ଅଗ୍ରଗତି, ଫଳପ୍ରଦ ଯାତ୍ରା, ସଭାସମିତିକୁ ଆହ୍ୱାନ, ସମ୍ମାନନୀୟ ବ୍ୟକ୍ତିଙ୍କ ସାନ୍ନିଧ, ପୂର୍ବଶତ୍ରୁତାର ଅବସାନ, ଅତ୍ୟଧିକ ଦାୟିତ୍ୱ ନେବେ, ବିବାଦ ଘେରରେ ପଡିପାରନ୍ତି, କରଜ କରିବାକୁ ପଡିପାରେ, କାର୍ଯ୍ୟବ୍ୟସ୍ତତା ବଢିବ, ଖାଦ୍ୟପେୟ ଠିକ୍ ରହିବ ନାହିଁ ॥

**ତୁଳା**
ସ୍ଥିରତା ଅବ୍ୟାହତ ରହିବ, ଖୁସିର ଆସର ଜମିବ, ଅଧସ୍ତନଙ୍କ ଅନୁରକ୍ତି ପାଇବେ, ପରିସ୍ଥିତି ବଦଳିଯିବ, ଗୃହସମସ୍ୟାରୁ ମନସ୍ତାପ, ଅନୁଷ୍ଠାନିକ କାମରେ ଦ୍ୱନ୍ଦ୍ୱ, ଯାନ୍ତ୍ରିକତ୍ରୁଟିରୁ ଯାତ୍ରା ବିଳମ୍ବ, ସାହିତ୍ୟକ୍ଷେତ୍ରରୁ ସୁନାମ, ପାରିବାରିକ ଶାନ୍ତି ॥

**ବିଛା**
ମନ ଭାରାକ୍ରାନ୍ତ ରହିବ, ଦ୍ରବ୍ୟନଷ୍ଟରୁ କ୍ଷୋଭ, ବନ୍ଧୁ ସ୍ୱାର୍ଥବାଦୀ ହେବେ, ଅସଂଯତ କାର୍ଯ୍ୟକଳାପ, ସମାଲୋଚିତ ହେବେ, ବିଭିନ୍ନ ପ୍ରକାରର ସମସ୍ୟା, ଅସୁବିଧାର ସମ୍ମୁଖୀନ ହେବେ, ସଭାସମିତିରୁ ସୁଫଳ, ଭ୍ରାତୃ ସମ୍ପର୍କହାନୀ ॥

**ଧନୁ**
ବନ୍ଧୁମାନଙ୍କ ସାହାଯ୍ୟ, ହାତ ପାହାନ୍ତାରେ ସୁଯୋଗ, ସହକର୍ମୀଙ୍କ ବିଶ୍ୱାସ ଘାତକତା ଧାରକରଜ କରିବେ, କାର୍ଯ୍ୟର ଶେଷପର୍ଯ୍ୟାୟ, ନିଜଲୋକଙ୍କୁ ସନ୍ଦେହ, ପରିବହନ କ୍ଷେତ୍ରରେ ସମସ୍ୟା, ମୂଲ୍ୟବାନ ଜିନିଷ କ୍ରୟ ॥

**ମକର**
ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି, ବିଚଳିତ ରହିବେ, ଭୁଲ୍ ବୁଝାମଣା ହେତୁ ସମସ୍ୟା, ସନ୍ତାନଙ୍କ ସ୍ୱଭାବରେ ପରିବର୍ତ୍ତନ, ସତ୍‌ସଙ୍ଗର ସୁଯୋଗ, ଧର୍ମଚର୍ଚ୍ଚା ପ୍ରତି ମନ, ସ୍ତ୍ରୀଙ୍କ ସହଯୋଗ, ସମସ୍ୟା ସମାଧାନ, ସ୍ଥଗିତ କର୍ମାରମ୍ଭ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବେ ॥

**କୁମ୍ଭ**
ଆତ୍ମୀୟମାନଙ୍କ ସାହାଯ୍ୟ, ସାମାଜିକ ସ୍ତରରେ ଉନ୍ନତି, ଅହେତୁକ ଚିନ୍ତା, ମନ ଆନ୍ଦୋଳିତ ରହିବ, ବନ୍ଧୁଟି ଭୁଲ୍ ବୁଝିବେ, ଶିଳ୍ପବାଣିଜ୍ୟରେ ପ୍ରତିବନ୍ଧକ, ପରିବହନରେ ସଫଳତା, ପ୍ରଶାସନିକ ସ୍ତରରେ ଦକ୍ଷତା, ନୂତନ ନିଯୁକ୍ତି ଖବର ॥

**ମୀନ**
ସମ୍ପର୍କୀୟଙ୍କ ଆସ୍ଥା ହରାଇବେ, ବିବାଦୀୟ ହୋଇପାରନ୍ତି, ପାରିବାରିକ କ୍ଷେତ୍ରରେ ଅଶାନ୍ତି, ସ୍ନାୟବିକ ଦୁର୍ବଳତା, ବନ୍ଧୁଙ୍କଠାରୁ ଅର୍ଥ ସାହାଯ୍ୟ, କଳା,ସାହିତ୍ୟ କ୍ଷେତ୍ରରେ ସମ୍ମାନିତ, ଆନୁଷ୍ଠାନିକ କାମରୁ ଆନନ୍ଦ, ନୂତନ କର୍ମାରମ୍ଭ କରିପାରନ୍ତି ॥

## ଧନ ବଢିବ କିପରି

ଧନ ଓ ସମୃଦ୍ଧିର ଦେବତା କୁବେର ହେଉଛନ୍ତି ଉତ୍ତର ଦିଗର ସ୍ୱାମୀ। ସେଥିପାଇଁ ଘରର ଆଲମିରା ତଥା ଟ୍ରେଜେରିକୁ ଏହି ଦିଗରେ ରଖିବା ଦ୍ୱାରା ଘରେ ଧନବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ବାସ୍ତୁଶାସ୍ତ୍ର ଅନୁଯାୟୀ, ଉତ୍ତର ଦିଗରେ ଯଦି ନୀଳ ରଙ୍ଗର କୌଣସି ଏକ ଆର୍ଟିଫିସିଆଲ୍ ପିରାମିଡ୍‌କୁ ରଖି ଦିଆଯାଏ, ତା'ହେଲେ ବି ଏହା ଧନବୃଦ୍ଧି କରିବାରେ ବିଶେଷ ସହାୟକ ହୋଇଥାଏ। ପିରାମିଡ୍ ନ ମିଳିଲେ ତା'ପରିବର୍ତ୍ତେ ଏହି ଦିଗର କାନ୍ଥକୁ ନୀଳ ରଙ୍ଗରେ ପେଣ୍ଟ୍ ମଧ୍ୟ କରିପାରିବେ। ଅନ୍ୟପକ୍ଷେ, ଉତ୍ତର ଦିଗରେ କାଚ ବାଉଲ୍‌ରେ କିଛି ରୁପା କଏନ୍ ଭର୍ତ୍ତି କରି ରଖିଲେ ଘର ଉପରେ ମା' ଲକ୍ଷ୍ମୀଙ୍କର କୃପା ଦୃଷ୍ଟି ରହେ ବୋଲି ବିଶ୍ୱାସ ରହିଛି। ଏହାଛଡ଼ା ଘରର ଉତ୍ତର-ପୂର୍ବ ଦିଗରେ ଭଗବାନ ଗଣେଶ ଓ ମା' ଲକ୍ଷ୍ମୀଙ୍କର ମୂର୍ତ୍ତି ରଖି ସେଠାରେ ପ୍ରତିଦିନ ଦୀପ ଜାଳିଲେ ଘରେ



କେବେ ଟଙ୍କା ପଇସା ଅଭାବ ଦେଖାଯାଇ ନ ଥାଏ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି। ସେହିପରି ଘରର ମୁଖିଆ ଯଦି ଘରର ଉତ୍ତର ଦିଗରେ ତୁଳସୀ ଗଛ ହେଉ ଅବା ଅଁଳା ଗଛଟିଏ ଲଗାଇଥାନ୍ତି, ତା'ହେଲେ ପରିବାରର ମଙ୍ଗଳ ହେବା ସହ ଘରେ ଐଶ୍ୱର୍ଯ୍ୟ ବୃଦ୍ଧି ହୋଇଥାଏ ବୋଲି ମାନ୍ୟତା ରହିଛି।

## ପାଠକୀୟ

▶କୁହାଯାଏ ଈଶ୍ୱରଙ୍କ ସର୍ବଶ୍ରେଷ୍ଠ ସୃଷ୍ଟି ମଣିଷ ଭିତରେ ଭରି ରହିଥାଏ ଅସୀମ ଶକ୍ତି। ହେଲେ ଅନେକ ସମୟରେ ସେ ଅଜ୍ଞ ଥାଏ ନିଜର ଏହି ଶକ୍ତି ସମ୍ପର୍କରେ। ଯେବେ ସେ ନିଜର ସେଇ ସୁପ୍ତ ଶକ୍ତିକୁ ଅନୁଭବ କରେ, ସେବେ ଯାଇ ସେ ଅସମ୍ଭବକୁ ସମ୍ଭବ କରିପାରେ। ଆଉ ନାଁ ନିଏ ବିସ୍ମୟ ମଣିଷର। ତେଣୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ଚମତ୍କାର ଥିଲା। 'ଘରେ ଦର୍ପଣକୁ କିପରି ରଖିବେ', 'ଦାମ୍ପତ୍ୟ ଜୀବନରେ ଖୁସି ଚାହୁଁଥିଲେ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

**– ଶୁଭେନ୍ଦୁ ଦାଶ, ସମ୍ବଲପୁର**

▶ ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ବିସ୍ମୟ ମଣିଷ' ସତରେ ଏକ ମନଛୁଆଁ ଆଲେଖ୍ୟ ଥିଲା। 'ଆଇସ୍‌କ୍ରିମ୍' ପାଠରୁ ଅନେକ ଅଜଣା କଥା ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ 'ପଞ୍ଚାନନଙ୍କ ଚିତ୍ର ଦୁନିଆ' ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଜ୍ଞାନୋଦୟ' ଶୀର୍ଷକ ଗପଟି ବି ବେଶ୍ ମନଛୁଆଁ ହୋଇପାରିଥିଲା।

**– ବିଶ୍ୱଜିତ୍ ମହାନ୍ତି, ସାକ୍ଷୀଗୋପାଳ, ପୁରୀ**

▶ସିନେମା ପୃଷ୍ଠାଟି ବେଶ୍ ଆକର୍ଷଣୀୟ ଲାଗୁଥିଲା। ବିଶେଷକରି ଏଥିରେ ସ୍ଥାନିତ 'ଡରକୁଳୀ ସାନ୍ୟା', 'ହିଟଲର ଅବତାର', 'ଲାଲ୍ ସଲାମ', 'ହୋମ୍‌ସିକ୍ ରଶ୍ମିକା' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଖୁବ୍ ସୁନ୍ଦର ହୋଇଥିଲା। ସାମାଜିକ କର୍ମୀ ତଥା ଅବସରପ୍ରାପ୍ତ ନୌସେନା କର୍ମଚାରୀ ବୀରେନ୍ଦ୍ର କୁମାର ସାହୁଙ୍କ ପ୍ରଥମ ରୋଜଗାର ସମ୍ପର୍କିତ ଲେଖାଟି ମନଛୁଆଁ ହୋଇପାରିଥିଲା।

**– ଜଗନ୍ନାଥ ଦାଶ, ରାଜକନିକା, କେନ୍ଦ୍ରାପଡ଼ା**

▶ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'କାର୍ଗୋ ପ୍ୟାଣ୍ଟ ଫ୍ୟାଶନ' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ମଡେଲ୍ ମିରର୍‌ରେ ସୋନାଲୀ ବେଶ୍ ସୁନ୍ଦରୀ ଦେଖାଯାଉଥିଲେ। ହାଃ ହାଃ ବି ଖୁବ୍ ମଜାଦାର୍ ହୋଇଥିଲା। ସହର ପୃଷ୍ଠାରୁ 'ଗର୍ଜିୟା ଦେବୀ ମନ୍ଦିର' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା।

**– ସୁରେଶ ମହାନ୍ତି, ଫୁଲନଖରା, କଟକ**

▶'ଟୁଇଟର୍ ମାଷ୍ଟର ପ୍ରଦ୍ୟୁମ୍ନ', 'ବୃକ୍ଷ ହିଁ ଜୀବନ' ଶୀର୍ଷକ ପାଠଦୁଇଟି ଖୁବ୍ ମନଛୁଆଁ ହୋଇଥିଲା। ବିବିଧା ଓ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ ପାଠଗୁଡ଼ିକ ବି ବେଶ୍ ଆଶ୍ଚର୍ଯ୍ୟକର ଥିଲା। ସେହିପରି ଏଥରର ବ୍ୟଙ୍ଗ 'ଛଡିଆ ଯିବେ ଶ୍ରୀଜଗନ୍ନାଥ' ଖୁବ୍ ଶିକ୍ଷଣୀୟ ହୋଇଥିଲା।

**– ଜଟାଧାରୀ ମିଶ୍ର, ଜଗତ୍‌ସିଂହପୁର**




### ବିଶେଷ ଚିଠି

ବିସ୍ମୟ ମଣିଷକୁ ନେଇ
ଥିଲା ଏଥରର ପ୍ରଚ୍ଛଦ,
ଶିଖାଇଲା ଅନେକ କଥା
ମନେ ଭରିଲା ଆନନ୍ଦ।
ସୃଜନ, ସିନେମା ବି ଲାଗୁଥିଲା
ଭାରୀ ବଢିଆ,
ସହର ପୃଷ୍ଠାରୁ ଜାଣିହେଲା
ନୂଆ ନୂଆ ଦୁନିଆ।
ହେ ମୋର ପ୍ରିୟ ଛୁଟିଦିନ
ତୁମକୁ ନେଇ ଦେଖେ କେତେ ସପନ।

**– ରାକେଶ ସାହୁ, ସାତଶଙ୍ଖ, ପୁରୀ**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଦାମୀ ପାନ





**ଓଡ଼ିଶା ଓ ଓଡ଼ିଶା ବାହାରେ ବି ପାନର ଢେର ଚାହିଦା ରହିଛି। ତେଣୁ ପାନ ବ୍ୟବସାୟୀ ବିଭିନ୍ନ ପ୍ରକାରର ପାନ ବିକ୍ରି କରିଥାନ୍ତି। ତେବେ ଏଠାରେ ଯେଉଁ ପାନ କଥା କୁହାଯାଉଛି ତାହା ବହୁତ ଖାସ୍ । ସେଥିପାଇଁ ତ ଏହାକୁ ଦାମୀ ପାନରେ ଗଣାଯାଉଛି...**






**✲ ଗୋଲ୍ଡେନ୍ ନାଇଟ୍ ପାନ:** ଜୟପୁରରେ ଥିବା ଅନୁ ମୋବାଇଲ ପାନ ଭଣ୍ଡାରର ମୁଖ୍ୟ ଆକର୍ଷଣ ହେଉଛି ଗୋଲ୍ଡେନ୍ ନାଇଟ୍ ପାନ ; ଯାହା ମୁଖ୍ୟତଃ ନବଦମ୍ପତିଙ୍କ ପାଇଁ ଉଦ୍ଦିଷ୍ଟ। ଷ୍ଟଫିଂ ଆଉ ଡିଜାଇନ୍‌କୁ ନେଇ ଏଠାରେ ଏହି ପାନ ୫୧୦୦ରୁ ଆରମ୍ଭ କରି ୧୧୦୦୦ ଟଙ୍କାରେ ବିକ୍ରି କରାଯାଇଥାଏ। ତେବେ ୫୧୦୦ ଟଙ୍କାରେ ମିଳୁଥିବା ଗୋଲ୍ଡେନ୍ ନାଇଟ୍ ପାନରେ ମୁଖ୍ୟତଃ ୭ ପ୍ରକାରର ଦେଶୀ ମାଉଥ୍ ଫ୍ରେଶନର୍, କେଶର, ଗୁଲକନ୍ଦ, ନଡିଆ କୋରା, ଟୁଟି ଫ୍ରୁଟି, ଖୁରଚାନ୍ଦ ଆଦି ବ୍ୟବହାର କରାଯିବା ସହ ପରେ ଏହାକୁ ଖାଇବାଯୋଗ୍ୟ ଗୋଲ୍ଡ ଫଏଲ୍‌ରେ ଆକର୍ଷଣୀୟ ଭାବେ ଗୁଡାଇ ଦିଆଯାଏ। ତା'ପରେ ଏକ ମଖମଲିଆ ନାଲି ରଙ୍ଗର ବକ୍ସ ଭିତରେ ଥିବା ତିନୋଟି ଗୋଲ୍ଡ ପ୍ଲେଟେଡ୍ ଗିନା ମଧ୍ୟରୁ ଗୋଟିଏରେ ଏହି ପାନକୁ ରଖିଦିଆଯାଏ। ଅନ୍ୟ ଏକ ଗିନାରେ ୬/୭ଟି ସିଲ୍‌ଭର୍ କୋଟ୍ ହୋଇଥିବା ପାନ ଖଜୁର୍ ଏବଂ ଆଉ ଏକ ଗିନାରେ କିଛି ଟୁଟି ଫ୍ରୁଟି, ନଡିଆ କୋରା ତଥା ମାଉଥ୍ ଫ୍ରେସନର୍ ଆଦି ରଖିଦିଆଯାଏ। ସର୍ଭ କରିବା ପାଇଁ ସେଥିରେ ଦୁଇଟି ଗୋଲ୍ଡ ପ୍ଲେଟେଡ୍ ଚାମଚ ଏବଂ ଗୋଟିଏ ଗୋଲ୍ଡ ପ୍ଲେଟେଡ୍ ପ୍ଲେଟ୍ ବି ରଖିଦିଆଯାଏ ; ଯାହା ଦେଖିବାକୁ ବେଶ୍ ଆକର୍ଷଣୀୟ ଲାଗିଥାଏ। ଯଦି କେହି ଷ୍ଟଫିଂ ଆଉ ଡିଜାଇନ୍‌କୁ ନେଇ ଆଉ କିଛି ନୂଆ କରିବାକୁ ଚାହିଁଲେ ତା'ହେଲେ ସେହି ଅନୁଯାୟୀ ଦାମ୍ ବି ବଢିଯାଏ।

**✲କୋହିନୁର ମସାଲା ପାନ:** ମହାରାଷ୍ଟ୍ରର ଔରଙ୍ଗାବାଦ୍‌ରେ ଥିବା ତାରା ପାନ୍ ସେଣ୍ଟରରେ ପ୍ରାୟ ୫୧ ପ୍ରକାରର ପାନ ବିକ୍ରି ହୋଇଥାଏ। କୋହିନୂର ମସାଲା ପାନ ହେଉଛି ଏହି ସେଣ୍ଟରର ସବୁଠାରୁ ଖାସ୍ ଆଉ ଦାମୀ ପାନ ; ଯାହାର ମୂଲ୍ୟ ୫୦୦୦ଟଙ୍କା। ମୁଖ୍ୟତଃ ନବଦମ୍ପତିଙ୍କ ପାଇଁ ଏହି ପାନଟି ଉଦ୍ଦିଷ୍ଟ। କାରଣ ଏଥିରେ ବିଭିନ୍ନ ପ୍ରକାରର ମୁଖବାସ ସହିତ ଏକ ସ୍ୱତନ୍ତ୍ର ଧରଣର କସ୍ତୁରୀ, କେଶର, ରୋଜ୍ ଏକ୍ସଟ୍ରାକ୍ଟସ୍, ସ୍ୱତନ୍ତ୍ର ଲିକ୍ୟୁଡ ଫ୍ରାଗରାନ୍ସ ତଥା ଏକ ସୁପର୍ ସିକ୍ରେଟ୍ ଇନ୍‌ଗ୍ରିଡିଏଣ୍ଟର ବ୍ୟବହାର କରାଯାଇଥାଏ ; ଯେଉଁ ସିକ୍ରେଟ୍‌କୁ ଉକ୍ତ ପାନ ସେଣ୍ଟରର ମାଲିକ ଆଜିଯାଏଁ କାହାକୁ କହିନାହାନ୍ତି। ଏପରିକି ନିଜ ପିଲାଙ୍କୁ ମଧ୍ୟ। ପିଲା ପ୍ରାପ୍ତ ବୟସର ହୋଇଗଲେ ସେମାନଙ୍କୁ ଏହି ସିକ୍ରେଟ୍ ଜଣାଇବେ ବୋଲି ସେ କହିଥାନ୍ତି। ତେବେ ଏହି ପାନର ସ୍ୱାଦ କୁଆଡ଼େ ବେଶ୍ ମତୁଆଲା ହୋଇଥାଏ ; ଯାହାକୁ ଖାଇଲେ ସ୍ୱାମୀସ୍ତ୍ରୀଙ୍କ ସମ୍ପର୍କରେ ନିବିଡ଼ତା ଆସିଥାଏ ବୋଲି ଉକ୍ତ ପାନ ସେଣ୍ଟରର ମାଲିକ ମତ ଦେଇଥାନ୍ତି। ସେଥିପାଇଁ ବାହାଘର ସିଜିନ୍ ଆସିଲେ ଖାସ୍ ଏହି ପାନକୁ କିଣିବାକୁ ଏଠି ଗ୍ରାହକଙ୍କର ଭିଡ଼ ଜମେ। ଏକ ସୁନ୍ଦର ପ୍ୟାକେଟ୍ ଭିତରେ ଗୋଟିଏ ସୁଗନ୍ଧଯୁକ୍ତ ଅତର ସହିତ ବରକନ୍ୟାଙ୍କ ପାଇଁ ଭିନ୍ନ ଭିନ୍ନ ଦୁଇଟି କୋହିନୁର ମସାଲା ପାନ ରଖି ଗ୍ରାହକଙ୍କୁ ଏହା ଦିଆଯାଇଥାଏ।

**✲ଗୋଲ୍ଡ ଫେରେରୋ ରସର୍ ପାନ:** ସିଲଭର୍ କୋଟେଡ୍ ପାନମଧୁରି, ସିଲଭର୍ କୋଟେଡ୍ ଗୁଜୁରାତି, ସିଲଭର୍ କୋଟେଡ୍ ପୁଦିନାର ମଞ୍ଜି, ରୋଜ୍ ପାଉଡ଼ର୍, ଖଜୁର୍, ଗୁଲକନ୍ଦ୍, ଫେରେରୋ ରସର୍ ଚକୋଲେଟ୍ ତଥା ଅନ୍ୟାନ୍ୟ କେତେକ ମୁଖବାସକୁ ନେଇ ପ୍ରସ୍ତୁତ ହୋଇଥିବା ଏହି ପାନକୁ ସ୍ୱତନ୍ତ୍ର ଖାଦ୍ୟ ଉପଯୋଗୀ ଗୋଲ୍ଡ ଫଏଲ୍‌ରେ ଗୁଡାଇ ଗ୍ରାହକଙ୍କୁ ଦିଆଯାଇଥାଏ। ଏହା ୭୫୦ ଟଙ୍କାରେ ବିକ୍ରି ହୋଇଥାଏ। ଦିଲ୍ଲୀ ସମେତ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଏହି ପାନ ବିକ୍ରି ହେଉଥିବାର ଦେଖିବାକୁ ମିଳେ।


ଆୟୁର୍ବେଦ ଔଷଧିର ଚମତ୍କାରିତା | ଗ୍ୟାସ୍ ଓ ଏସଡ଼ିଟି ପାଇଁ ଚିନ୍ତିତ କି ? | available at amazon

ଗ୍ୟାଷ୍ଟ୍ରିକ ବା ଏସିଡିଟି ଆଜିର ଏକ ଅସାଧାରଣ ସମସ୍ୟାରେ ପରିଣତ ହେଲାଣି। ଏହାର ମୁଖ୍ୟ କାରଣ-ଅନିୟମତା ଖାଦ୍ୟ ଗ୍ରହଣ ଓ ଜୀବନ ଶୈଳୀ, ଫାଷ୍ଟଫୁଡ୍, ଦୀର୍ଘଦିନ ଧରି ଡାଇବେଟିସ୍ ହେବା, ବହୁତ ଦିନ ଧରି ଆଣ୍ଟିବାୟୋଟିକ୍ ବ୍ୟବହାର, ଠିକ୍ ସମୟରେ ନ ଖାଇଲେ, ଭୋକ ହେଲେ ନ ଖାଇବା ଓ ଭୋକ ମରିଯିବା ପରେ ଖାଇବା, ପ୍ରତିଦିନ ଝାଡା ସଫା ନ ହେବା ଗ୍ୟାଷ୍ଟ୍ରିକ୍‌ର ମୁଖ୍ୟ କାରଣ। ଗ୍ୟାଷ୍ଟ୍ରିକ ରୋଗୀ ସକାଳ ଜଳଖିଆ ଶଯ୍ୟା ତ୍ୟାଗର ୧ ରୁ ୨ ଘଣ୍ଟା ଭିତରେ ଖାଇବା ଆବଶ୍ୟକ। ରାତିରେ ୮ଟା ରୁ ୯ଟା ମଧ୍ୟରେ ହାଲୁକା ଭୋଜନ ଗ୍ରହଣ ଓ ଖାଇବାର ୧ ରୁ ୨ ଘଣ୍ଟା ପରେ ପାଣି ପିଇଲେ ଗ୍ୟାଷ୍ଟ୍ରିକ୍ ସମସ୍ୟା ଅନେକାଂଶ ପ୍ରଶମିତ ହୋଇଥାଏ। ଗ୍ୟାଷ୍ଟ୍ରିକ୍ ଯୋଗୁଁ ଶରୀରରେ ଅନେକ ରୋଗ ଜନ୍ମେ। ହଜମ ଶକ୍ତି କ୍ରମଶ ଦୁର୍ବଳ ହେଲେ ଶରୀରରେ ଆଣ୍ଠୁ ଗଣ୍ଠି ରୋଗ , ଥଣ୍ଡା, କଫ, ଶ୍ୱାସ, ଅର୍ଶ, ପିତ୍ତକୋଶରେ ପଥର ହେବା, ପରିସ୍ରା ଜଳାପୋଡା ହେବା, ଧାତୁଗତ ରୋଗ, ନିଦ୍ରାହିନତା, ହାଇ ବ୍ଲଡ୍ ପ୍ରେସର (ଉଚ୍ଚ ରକ୍ତଚାପ) କୋଷ୍ଠ କାଠିନ୍ୟ ଆଦି ରୋଗ ସୃଷ୍ଟି ହୁଏ।

ଏହି ସବୁ ସମସ୍ୟା ପାଇଁ **ଓଡିଶା ଆୟୁର୍ବେଦ ଭବନ, କଲେଜ ଛକ, କଟକ ଆୟୁର୍ବେଦ ଶାସ୍ତ୍ରୀ କବିରାଜ ବନମାଳୀ ଦାଶଙ୍କ** ଦ୍ୱାରା **ଶିବାଷ୍ଟକ ଚୂର୍ଣ୍ଣ** ଭଳି ଦୁର୍ଲଭ ଔଷଧ ପ୍ରସ୍ତୁତ କରିଛନ୍ତି। ଏହି ଶିବାଷ୍ଟକ ଚୂର୍ଣ୍ଣ ବ୍ୟବହାର କଲେ ବହୁ ପୁରାତନ ଗ୍ୟାଷ୍ଟ୍ରିକ, ବଦହଜମି, ଆମ୍ବିଳା ହାକୁଟି, କ'ଣ ଦିଟା ଖାଇଲେ ପେଟ ଭାରି ଭାରି ଲାଗିବା, ଛାତି ତଣ୍ଟି ପୋଡା ଜଳା ହେବା, ପେଟ ମରା, ତଳି ପେଟ କାମୁଡିବା, ଦୀର୍ଘଦିନର କୋଷ୍ଠବଦ୍ଧତା ଆଦିକୁ ଦୂର କରି ଆଶ୍ଚର୍ଯ୍ୟ ଭାବରେ ଭୋକ ଓ ହଜମ ଶକ୍ତି ବଢାଏ। ପ୍ରତିଦିନ ୨ ଚାମଚ ଶିବାଷ୍ଟକ ଚୂର୍ଣ୍ଣ ଦିନକୁ ୨ ଥର ସକାଳେ ଓ ସନ୍ଧ୍ୟାରେ ବ୍ୟବହାର କଲେ ଆଶୁ ଫଳ ମିଳେ। ଯଦି ଝାଡା ସଫା ନ ହୁଏ ତେବେ ଶୋଇବା ପୂର୍ବରୁ ଉଷୁମ ପାଣିରେ ୨ ଚାମଚ **ଓଡିଶା ପେଟ ଶୁଦ୍ଧି ଚୂର୍ଣ୍ଣ** ଖାଇବେ।




Fast Relief from ACIDITY,INDIGESTION & CONSTIPATION

ଶିବାଷ୍ଟକ ଚୂର୍ଣ୍ଣ

ଆୟୁର୍ବେଦ ବିଶାରଦ କବିରାଜ ବନମାଳୀ ଦାଶ

ଏହା ବ୍ୟବହାର କଲେ ଗ୍ୟାସ୍, ଏସିଡ଼ିଟି, ବଦହଜମି, ଆମ୍ବିଳା ହାକୁଟି, ଛାତି ତଣ୍ଟି ପୋଡ଼ା ଜଳା, ଅଜୀର୍ଣ୍ଣ, କୋଷ୍ଠ କାଠିନ୍ୟ ଦୂର କରି ଆଶ୍ଚର୍ଯ୍ୟ ଭାବରେ ହଜମ ଶକ୍ତି ବଢାଏ

ଓଡ଼ିଶା ଆୟୁର୍ବେଦ ଭବନ, କଲେଜ ଛକ, କଟକ Contact- 9437883226

Advt.

# ସ୍ୱାଦର ଅନନ୍ୟ ପରମ୍ପରା

# ଗୁଡ଼



ଗୁଡ଼ ଆମ ସଂସ୍କୃତି, ପରମ୍ପରା ସହ ବେଶ୍ ନିବିଡଭାବେ ଜଡ଼ିତ। ତା'ର ମିଠାପଣ କେବଳ ପାଟିକୁ ମିଠା କରେନା ବରଂ ଆମ ପର୍ବପର୍ବାଣୀକୁ ଖାସ୍ କରାଏ। ତା'ସହ ସମ୍ପର୍କକୁ ବି କରେ ମଧୁର। ତେଣୁ ଦିନ ଥିଲା ଗୁଡ଼ର ଚାହିଦା ଥିଲା ବହୁତ। ରାଜ୍ୟର ବହୁ ଅଞ୍ଚଳରେ ଆଖୁ ଚାଷ କରାଯାଇ ଦେଶୀପଦ୍ଧତିରେ ଗୁଡ଼ ପ୍ରସ୍ତୁତ ହେଉଥିଲା। ହେଲେ ଏବେ ଏହାର ଚାହିଦା ଅନେକାଂଶରେ କମିଯାଇଛି। ଆଉ ବିଶେଷ ମିଳୁନାହିଁ ମାଟିହାଣ୍ଡିର ଗୁଡ଼। ତଥାପି ପୂଜା, ପର୍ବପର୍ବାଣୀ ଆସିଲେ ଯେମିତି ବି ହେଉ ଲୋଡା ପଡୁଛି ଗୁଡ଼। ସେ ପଞ୍ଚାମୃତ ହେଉକି ରଜପର୍ବର ଆକର୍ଷଣ ପୋଡ ପିଠା, ଏ ସବୁ ତ ଯେମିତି ଗୁଡ଼ ବିନା ଅଧୁରା। ଖାଲି ପୋଡ ପିଠା କାହିଁକି ନାନା ରକମର ଓଡ଼ିଆ ପିଠା ପ୍ରସ୍ତୁତି ପାଇଁ ବି ଆବଶ୍ୟକ ହୁଏ ଗୁଡ଼। ବିବାହ ବେଦୀରେ ବି କନିଆ ହାତରେ ରଖାଯାଏ ଗୁଡ। ଯେମିତିକି ଗୁଡର ମିଠାପଣ ଦାମ୍ପତ୍ୟ ଜୀବନକୁ ବି କରିବ ମଧୁର। ସେଥିପାଇଁ ତ ଆଧୁନିକତାର ଛାପରେ ଏହାର ଚାହିଦା କିଛିଟା କମିଥିଲେ ହେଁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇନି ଏହାର ସତ୍ତା।

**ଗୁଡ଼ର ପ୍ରକାର ଓ ବ୍ୟବହାର:** ଆଖୁରୁ ବିଭିନ୍ନ ପ୍ରକାରର ଗୁଡ ପ୍ରସ୍ତୁତ ହୋଇଥାଏ। ଯେପରିକି ହାଣ୍ଡିଗୁଡ଼, ସାମାନ୍ୟ ପତଳା ଗୁଡ଼, ଅଖାଗୁଡ଼ ଶୁଖିଲା, ଲାଇଲନ ଗୁଡ଼। ଲାଇଲନ ଗୁଡ଼ ଦେଖିବାକୁ ଧଳା। ଅନ୍ୟପକ୍ଷେ ତାଳ ଓ ଖଜୁରୀରୁ ବି ଗୁଡ଼ ପ୍ରସ୍ତୁତ କରାଯାଏ। ହେଲେ ଆଖୁ ଗୁଡର କଥା ଅଲଗା। ଏହା ସ୍ୱାସ୍ଥ୍ୟ ପାଇଁ ଭଲ। ତା'ସହ ଏଥିରୁ ବିଭିନ୍ନ ପ୍ରକାରର ଖାଦ୍ୟ ଯେମିତିକି ପିଠା, ପଣା, ଖିରି, ମୁଆଁ, ଉଖୁଡା, ଆଚାର ଆଦି ବି କରାଯାଏ। ପୂଜାରେ ତ ଆଗ ଲୋଡା ହୁଏ ଆଖୁଗୁଡ଼। ଆଜିକାଲି କେହି କେହି ଚା ଓ କଫିରେ ବି ଗୁଡ଼ ବ୍ୟବହାର କରୁଛନ୍ତି।

**ସ୍ୱାସ୍ଥ୍ୟ ପାଇଁ ଗୁଡ଼:** ଆୟୁର୍ବେଦିକ ଡାକ୍ତର ଡ. ବାସୁଦେବ ପ୍ରଧାନ କୁହନ୍ତି,'ଗୁଡ଼ ସହିତ ଆମେ ସମସ୍ତେ ପରିଚିତ। ପୁରୁଣା ଯୁଗରୁ ଗୁଡ଼ର ବ୍ୟବହାର ଭାରତୀୟମାନେ ଜାଣନ୍ତି। ଗୁଡ଼ର ଔଷଧୀୟ ଗୁଣ ବିଷୟରେ ଆୟୁର୍ବେଦରେ ବର୍ଣ୍ଣନା ହୋଇଛି। ପଞ୍ଚାମୃତରେ– କ୍ଷୀର, ଦହି, ଘିଅ,ମହୁ ଓ ଗୁଡ଼ର ମିଶ୍ରଣ ହୋଇଥାଏ। ଅମୃତର ଅର୍ଥ ହେଉଛି ଯାହା ଜୀବନଶକ୍ତି ବଢ଼ାଇବା ସହ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ। ତେଣୁ କୁହାଯାଇପାରେ ଗୁଡ଼ରେ ଅଛି ଅମୃତର ଅଂଶ। ଗୁଡ଼ରେ ଗୋଲମରିଚ ଗୁଣ୍ଡ ଓ ଅଦାରସ ମିଶାଇ ଦିନକୁ ୩ଥର ପିଇଲେ କାଶ କମିଥାଏ। ଯେଉଁମାନଙ୍କର ରକ୍ତହୀନତା ହୋଇଛି ଗୁଡ଼ ଖାଇଲେ ଉପକାର ମିଳିଥାଏ। ଗୁଡ଼ପଣା ପିଇଲେ ପରିସ୍ରା ପୋଡ଼ାରୁ ଉପଶମ ମିଳିଥାଏ। ଅଦା ସହିତ ଗୁଡ଼ ଖାଇଲେ ଅଜୀର୍ଣ୍ଣ ବା ଅଗ୍ନିମାନ୍ଦ୍ୟ ସମସ୍ୟା ଦୂର ହୋଇଥାଏ। ମାଣ୍ଡିଆ ଜାଉରେ ଗୁଡ଼ ମିଶାଇ ଖାଇଲେ ଶ୍ରେଷ୍ଠ ପୋଷକ ଭାବେ ଶରୀରକୁ ଅଧିକ ପରିମାଣର ପୁଷ୍ଟିସାର ମିଳିଥାଏ। ହାଡ଼କୁ ମଜଭୁତ କରେ, ନିଦ୍ରାହୀନତା– ମାନସିକ ଉନ୍ମାଦରୁ ଉପଶମ ମିଳେ। ଗୁଡ଼ ସହିତ ଆବଶ୍ୟକ ପରିମାଣର ଶୁଣ୍ଠି ମିଶାଇ ଖାଇଲେ ବାତ ରୋଗରୁ ଉପଶମ ମିଳିଥାଏ। ଯେଉଁମାନଙ୍କର ମୂର୍ଚ୍ଛା ହେଉଛି–ଗୁଡ଼ ସହିତ ଅଦାରସ ଖାଇଲେ ଏହି ସମସ୍ୟା ଧୀରେ ଧୀରେ ଦୂର ହୋଇଥାଏ। ଆବଶ୍ୟକ ପରିମାଣର ଗୁଡ଼ ତିଆରି ମିଠାକୁ ମଧୁମେହ ରୋଗୀ ମଧ୍ୟ ଖାଇପାରିବେ। ଗୁଡ଼ର ଔଷଧୀୟ ବ୍ୟବହାର ପାଇଁ ଡାକ୍ତରଙ୍କ ପରାମର୍ଶ ଅତ୍ୟନ୍ତ ଜରୁରୀ।' ଡାକ୍ତର ତ୍ରୈଲୋକନାଥ ମହାରଣା କୁହନ୍ତି,'ଆଖୁଗୁଡ଼ ପରି ତାଳଗୁଡ଼ ଓ ଖଜୁରୀଗୁଡ଼ ବେଶ ସୁଆଦିଆ ଏଥିରେ ପ୍ରୋଟିନ,ଶ୍ୱେତସାର ରହିଛି। ଏହା ଶକ୍ତିବର୍ଦ୍ଧକ।'

**ଗୁଡ଼ ଆମ ସଂସ୍କୃତି, ପରମ୍ପରା ସହ ବେଶ୍ ନିବିଡଭାବେ ଜଡ଼ିତ। ତା'ର ମିଠାପଣ କେବଳ ପାଟିକୁ ମିଠା କରେନା ବରଂ ଆମ ପର୍ବପର୍ବାଣିକୁ ଖାସ୍ କରାଏ। ସେ ପଞ୍ଚାମୃତ ହେଉକି ରଜପର୍ବର ଆକର୍ଷଣ ପୋଡ ପିଠା, ଏ ସବୁ ତ ଯେମିତି ଗୁଡ଼ ବିନା ଅଧୁରା। ସେଥିପାଇଁ ତ ଆଧୁନିକତାର ଛାପରେ ଏହାର ଚାହିଦା କିଛିଟା କମିଥିଲେ ହେଁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇନି ଏହାର ସତ୍ତା...**

ଗୁଡ଼ର ବିବିଧ ଉପକାରିତା ଲାଗି ଆମ ରାଜ୍ୟର ବିଭିନ୍ନ ସ୍ଥାନରେ ହୁଏ ଆଖୁ ଚାଷ। ଯଦିଓ ଗୁଡର ଚାହିଦା ଏବେ କିଛିଟା କମିଛି। ତଥାପି ଅନେକ ସ୍ଥାନରେ ଏବେବି ହେଉଛି ଆଖୁ ଚାଷ ଓ ସେଥିରୁ ପ୍ରସ୍ତୁତ କରାଯାଉଛି ଗୁଡ଼। ସେହି ସ୍ଥାନଗୁଡ଼ିକ ହେଉଛି..

**ନୟାଗଡ଼ ଗୁଡ଼ ସବୁରୀ ପ୍ରିୟ:** ନୟାଗଡ଼ ଜିଲାର ଗୁଡ଼ ଦେଶୀୟ ପଦ୍ଧତିରେ ତିଆରି ହେଉଥିବାରୁ ସର୍ବଭାରତୀୟ ସ୍ତରରେ ଏହାର ସ୍ୱତନ୍ତ୍ର ପରିଚୟ ରହିଛି। ପାରମ୍ପରିକ ପଦ୍ଧତିରେ ପ୍ରସ୍ତୁତ ହେଉଥିବା ଏହି ଗୁଡ ତା'ର ସ୍ୱାଦ ଓ ଗୁଣବତ୍ତାକୁ ବଜାୟ ରଖିଛି। ଓଡ଼ିଶାର ଅନ୍ୟ ଜିଲାର ଆଖୁ ଅପେକ୍ଷା ନୟାଗଡ଼ ଆଖୁ ଅଧିକ ଶର୍କରାଯୁକ୍ତ ଓ ଭଲ ଦୋରୁଅ ବାହାରିଥାଏ। ନୟାଗଡ଼ ଜିଲାରେ ବହି ଯାଉଥିବା ମହାନଦୀ, କୁସୁମୀ, କୁଆଁରିଆ, ଡାହୁକା, ବୃଉଙ୍ଗ, ବାଘମାରୀ ଆଦି ନଦୀକୂଳିଆ ଅଞ୍ଚଳରେ ବିଶେଷକରି ଆଖୁଚାଷ ହୋଇଥାଏ। ୧୯୮୦ରେ ପ୍ରତିଷ୍ଠିତ କରାଯାଇଥିବା ନୟାଗଡ଼ ସମବାୟ ଚିନିକଳ ଏହି ଜିଲାରେ ଆଖୁଚାଷକୁ ବଢ଼ାଇଥିଲା। ନୟାଗଡ଼ ପାଣିପୋଇଲାସ୍ଥିତ ଚିନିକଳର ଉତ୍ପାଦନ କ୍ଷମତା ୧.୨ ଲକ୍ଷ ଟନ୍ ଥିବାବେଳେ ଏହା ଉପରେ ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ନିର୍ଭର କରି ଚଳୁଥିଲେ। ପ୍ରାୟ ୬ ହଜାର ହେକ୍ଟର ଜମିରେ ଆଖୁ ଫସଲ ହେଉଥିଲା। ୨୦୧୫ରେ ଚିନିକଳ ବନ୍ଦ ହେବାପରେ ଜିଲାରେ ମାତ୍ର ୧୨୦୫ ହେକ୍ଟର ଜମିରେ ଆଖୁଚାଷ ହେଉଛି। ନୟାଗଡ଼ ବ୍ଲକରେ ୨୭୬ ହେକ୍ଟର, ଓଡ଼ଗାଁ ୨୭୭ ହେକ୍ଟର, ରଣପୁର ୧୦୫ ହେକ୍ଟର, ଖଣ୍ଡପଡ଼ା ୧୦୩ ହେକ୍ଟର, ଭାପୁର ୧୦୫ ହେକ୍ଟର, ଦଶପଲ୍ଲା ୪୯ ହେକ୍ଟର, ନୂଆଗାଁ ୧୮୮ ହେକ୍ଟର ଓ ଗଣିଆ ବ୍ଲକରେ ୧୦୦ ହେକ୍ଟର ଆଖୁଚାଷ ହେଉଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଆଖୁଚାଷୀ ଦୁର୍ଯ୍ୟୋଧନ ପ୍ରଧାନ କୁହନ୍ତି, 'ଏହି ଜିଲାର ବାଲୁଗାଁ ପଞ୍ଚାୟତ ନୂଆ କଣ୍ଟାବଣିଆ ଗାଁରେ ମୁଁ ୨୦ ମାଣ (୫ ଏକର) ଜମିରେ ଆଖୁଚାଷ କରୁଛି। ମୋ ପରିବାର ଓ ବଡ଼ଭାଇ ବୃନ୍ଦାବନଙ୍କ ପରିବାର ପ୍ରାୟ ୩୫ବର୍ଷ ହେଲା ଆଖୁ ଚାଷ ସହ ଗୁଡ଼ ତିଆରି କରି ବିକ୍ରି କରି ଆସୁଛୁ। ଗୁଡ ତିଆରି ଲାଗି ପ୍ରତିଦିନ ୪/୬ଜଣ ଲୋକ ଆଖୁଶାଳରେ ଦରକାର। ବିଦ୍ୟୁତ୍ ଓ ଜେନେରେଟର ସାହାଯ୍ୟରେ ଆଖୁ ପେଡ଼ା ହେଉଛି। ଆଖୁରସ ପାଇପ ଯୋଗେ ଶାଳରେ ପହଞ୍ଚୁଛି। ସେଠାରେ ଗୁଡ଼ ତିଆରି ହେଉଛି। ଅବଶ୍ୟ ନୟାଗଡ଼ ଚିନିକଳ କାମ କରୁଥିବା ସମୟରେ ୧ରୁ ୨ମାଣ ଜମିର ଆଖୁକୁ କେବଳ ଗୁଡ଼ କରୁଥିଲୁ ଏବଂ ୧୮ମାଣ ଜମିର

→









ଆଖୁ ସଂଗ୍ରହକରି ଚିନିକଳକୁ ନେଉଥିଲୁ। ଚିନିକଳ ବନ୍ଦ ପରେ ୨୦୨୧ ପର୍ଯ୍ୟନ୍ତ ୧୫ମାଣ ଜମିର ଆଖୁ ଢେଙ୍କାନାଳ ଚିନିକଳକୁ ଦେଉଥିଲୁ। ଗୋଟିଏ ବର୍ଷରେ ଅତିକମ୍‌ରେ ୨ଲକ୍ଷ ଟଙ୍କାର ଲାଭ ମିଳେ। ଆମ ପରିବାର ପକ୍ଷରୁ ପ୍ରସ୍ତୁତ ଗୁଡ଼କୁ ବ୍ୟବସାୟୀମାନେ ୩୩ ଟଙ୍କାରେ କେଜି ପ୍ରତି କିଣନ୍ତି। ଢେଙ୍କାନାଳ, ଅନୁଗୋଳ ଓ ତାଳଚେରର ବ୍ୟବସାୟୀମାନେ ବି ଗୁଡ କିଣିନିଅନ୍ତି। ଖୁଚୁରାରେ ଆମ ଗାଁରେ ୪୫ ଟଙ୍କାରେ ଗୁଡ ବିକ୍ରି ହେଉଛି।' ନୂଆଗାଁ ବ୍ଲକ ଶିମିଳିସାହି ଗାଁର ଗୁଲୁବାସ ପ୍ରଧାନ କୁହନ୍ତି,'ପ୍ରାୟ ୮ବର୍ଷ ବୟସର ହୋଇଥିବା ସମୟରୁ ବାପାଙ୍କୁ ଆଖୁଚାଷରେ ସହଯୋଗ କରୁଛି। ଏମିତି ସାହାଯ୍ୟ କରୁ କରୁ ଅଜାଣତରେ ଚାଷୀ ବି ହୋଇଗଲି। ଚାଷରେ କ୍ଷତି ହେଉ କି ଲାଭ କେବେ ପଛକୁ ଫେରି ଦେଖିନି। ଚାଷ କରି ପୁଅ ଝିଅଙ୍କ ବାହାଘର ବି କରାଇଛି। ପୂର୍ବରୁ ବଳଦ ଓ ପୋଢ଼ ଦ୍ୱାରା ଆଖୁପେଡା ହେଉଥିଲା। ଏବେ ଟ୍ରାକ୍ଟର ଯୋଗେ ଆଖୁପେଡା ହେଉଛି। ଏବେ ୪ମାଣ ଆଖୁ ଫସଲ କରିଛି। ସବୁ ଆଖୁକୁ ଗୁଡ଼ କରି ବିକ୍ରି କରୁଛି। ଗୁଡ଼ କେଜି ପ୍ରତି ୩୦ରୁ ୩୫ଟଙ୍କାରେ ବ୍ୟବସାୟୀମାନେ କିଣି କଟକ, ଭୁବନେଶ୍ୱର ଓ ପୁରୀରେ ବିକ୍ରି କରୁଛନ୍ତି।' ସେମିତି ଆଉ ଜଣେ ଆଖୁ ଚାଷୀ ପାଣିପୋଇଲା ଛକର ପ୍ରମୋଦ କୁମାର କୁଣ୍ଟୁ କୁହନ୍ତି, 'ନୟାଗଡ଼ର ଆଖୁରେ ଭଲ ଚିନି ହୁଏ। ନୟାଗଡ଼ ଜିଲାର ୧ ଟନ୍ (୧୦କୁଇଣ୍ଟାଲ) ଆଖୁ ଚିନିକଳରେ ପେଡାଗଲେ ମିଳୁଥିଲା ୧କୁଇଣ୍ଟାଲ ୫କେଜି ଚିନି। ସମପରିମାଣର ଆଖୁ ଅନ୍ୟ ଜିଲାରେ ପେଡିଲେ ୮୫ କେଜି ଚିନି ପ୍ରସ୍ତୁତ ହେଉଥିଲା। ନୟାଗଡ଼ ଆଖୁରେ ଚିନି ପରି ଗୁଡ଼ ବି ଭଲ ମାନର ହୋଇଥାଏ।' ବାଲୁଗାଁ ଚାଷୀ ରଣଜିତ ଦଳବେହେରା କୁହନ୍ତି, 'ନୟାଗଡ଼ ମାଟି ଆଖୁଚାଷ ପାଇଁ ଉପଯୁକ୍ତ। ଆଖୁ ଭଲ ହେଉଥିବାରୁ ଗୁଡ଼ ଭଲ ହେଉଛି। ତା'ସହ କେମିକାଲ ବଦଳରେ ପାରମ୍ପରିକ ପଦ୍ଧତିରେ ଗୁଡ଼ ହେଉଥିବାରୁ ଏହାର ସ୍ୱାଦ ବଜାୟ ରହିଛି।'

**ଚିନିକଳ ଅଚଳ, ହେଲେ କମିନି ଗୁଡ଼ର ଚାହିଦା:** ଏକଦା ଆଖୁ ବରଗଡ଼ର ଏକ ମୁଖ୍ୟ ଅର୍ଥକରୀ ଫସଲ ଥିଲା। କେହିକେହି ଘଣାରେ ଆଖୁକୁ ପେଡ଼ି ଆଖୁରସକୁ ରାନ୍ଧି ଗୁଡ଼ ତିଆରି କରୁଥିଲେ। ଅନେକ ଆଖୁଚାଷୀ ବରଗଡ଼ ସମବାୟ ଚିନିକଳରେ ଆଖୁ ବିକ୍ରି କରି ବେଶ୍ କିଛି ରୋଜଗାର କରୁଥିଲେ। ହେଲେ ୧୯୬୯ ମସିହାରୁ ପ୍ରାୟ ୧୦୩ ଏକର ପରିମିତି ଅଞ୍ଚଳରେ ଗଢ଼ି ଉଠିଥିବା ବରଗଡ଼ର ଏହି ଚିନିକଳ ଦୀର୍ଘବର୍ଷ ହେଲା ଅଚଳ ହୋଇ ପଡ଼ିରହିଛି। ଏଥିଯୋଗୁ ଏହି ଜିଲାରେ ଆଗଭଳି ଆଖୁଚାଷ କରିବା ଲାଗି ଚାଷୀଙ୍କ ମନରେ ଆଗଭଳି ଉତ୍ସାହ ନାହିଁ ସତ। କିନ୍ତୁ ଏବେବି ଏଠାରେ ପ୍ରସ୍ତୁତ ହେଉଥିବା ଗୁଡ଼ର ଚାହିଦା କମିନାହିଁ। ଗୁଡ଼ ପ୍ରସ୍ତୁତି ପାଇଁ ଜିଲାର ବିଜେପୁର ବ୍ଲକ ଅନ୍ତର୍ଗତ ଜାରିଂ ଗ୍ରାମର ସ୍ୱତନ୍ତ୍ର ପରିଚୟ ରହିଛି। ଏଠାରେ ପ୍ରସ୍ତୁତ ଗୁଡ଼ର ସ୍ୱାଦ ନିଆରା। ଆଖୁଚାଷୀ ଦ୍ୱାରି ଗଡ଼ତିଆ କୁହନ୍ତି, 'ବହୁତ ଜମିରେ ଆଖୁଚାଷ କରିବାର ଇଚ୍ଛା ଥିଲେ ବି ଜଳସେଚନର ସୁବିଧା ନ ଥିବାରୁ ମାତ୍ର ୧ଏକର ଜମିରେ ଆଖୁଚାଷ କରିଛି। ଆଖୁ ବିହନ କିଣିବାଠାରୁ ଅମଳ ଯାଏ ପ୍ରାୟ ୩୦ ହଜାର ଟଙ୍କା ଖର୍ଚ୍ଚ ହୋଇଥାଏ। ପରିବାରର ୩ ଜଣ ସଦସ୍ୟ ଏହି ଚାଷରେ ପରିଶ୍ରମ କରିଥାନ୍ତି। ଆଖୁରସରୁ ଗୁଡ଼ ତିଆରି କରି ଶୁଖିଲା ଗୁଡ଼ କିଗ୍ରା ପ୍ରତି ଶହେ ଟଙ୍କା ଏବଂ ପାଣିଗୁଡ଼ ଟିଣ ପ୍ରତି ୧୭୦୦ ଟଙ୍କାରେ ବିକ୍ରି କରିଥାଏ। ବର୍ଷକୁ ପ୍ରାୟ ଦେଢ଼ଲକ୍ଷ ଟଙ୍କା ଆୟ ହୁଏ। ଗୁଡ଼ ତିଆରିର ପ୍ରାୟ ୨ ସପ୍ତାହ ଭିତରେ ଗୁଡ଼ ବିକ୍ରି ହୋଇଯାଏ।' ସେହିପରି ସୋହେଲା ବ୍ଲକ ସରକଣ୍ଡା ଗ୍ରାମର ଆଖୁଚାଷୀ ଜଗବନ୍ଧୁ ପ୍ରଧାନ କହନ୍ତି, 'ବିଭିନ୍ନ କମ୍ପାନୀରେ ପ୍ରସ୍ତୁତ ଗୁଡ଼ ବଜାରକୁ ଆସୁଛି। ଫଳରେ ଘରେ ପ୍ରସ୍ତୁତ ଗୁଡ଼ର ବିକ୍ରିବଟାରେ ଟିକେ ବିଳମ୍ବ ଘଟୁଛି। ଏଥର ମୁଁ ଅଧ ଏକର ଜମିରେ ଆଖୁଚାଷ କରିଥିଲି। ଏଥିରେ ପ୍ରାୟ ୩୦ହଜାର ଟଙ୍କା ଖର୍ଚ୍ଚ କରିଥିଲି। ଆଉ ପ୍ରାୟ ଲକ୍ଷେ ଟଙ୍କା ଲାଭ ହେଲା।

**ଢେଙ୍କାନାଳ ଗୁଡ ଉତ୍ପାଦନରେ ବାଧକ ସାଜିଛି ହାତୀ ଉପଦ୍ରବ :** ଢେଙ୍କାନାଳ ଜିଲା ମଧ ଦେଇ ବହିଯାଉଥିବା ବ୍ରାହ୍ମଣୀ ନଦୀର ଉଭୟ ପାର୍ଶ୍ୱରେ ଆଖୁଚାଷ ହୋଇଥାଏ। ବିଶେଷକରି ଏହି ଜିଲାର ପରଜଙ୍ଗ, ଭୁବନ, ସଦର ଓ ଓଡାପଡା ବ୍ଲକ ସହ କାମାକ୍ଷାନଗର ବ୍ଲକର ରାମିଆଳ ନଦୀ କୂଳରେ ଢେଙ୍କାନାଳ ସଦର ବ୍ଲକର ବଣସିଂହ, ଶଙ୍କରପୁର, ରାଧାଧେଇପୁର, ଗଁଦିଆ ବ୍ଲକର କାଲୁରିଆ, ଠାକୁରପାଳ, କଙ୍କା, ବାଇସିଙ୍ଗା, ଖଙ୍କର ଆଦି ଅଞ୍ଚଳରେ ଅଧିକ ପରିମାଣରେ ଆଖୁଚାଷ ହେଉଥିବା ଦେଖିବାକୁ ମିଳେ। ଏହି ଜିଲାର କେତେକ ଅଞ୍ଚଳରେ ଆଖୁରସରୁ ପ୍ରସ୍ତୁତ ଗୁଡ଼କୁ ବିକ୍ରିକରି ଅନେକ ଚାଷୀ ଉପକୃତ ହୋଇଥାନ୍ତି। ପ୍ରାୟ ୧୯୯୦-୯୧ ମସିହାରେ ଶକ୍ତି ସୁଗାର କମ୍ପାନୀର ଆଖୁ ମାଧ୍ୟମରେ ଚିନି ପ୍ରସ୍ତୁତ କରିବା ଆରମ୍ଭ ହେବାପରେ ଢେଙ୍କାନାଳ ଜିଲା ସମେତ କଟକ ଜିଲାର ସାଲେପୁର, ଆଠଗଡ, ଜଗତ୍‌ସିଂହପୁର, ଯାଜପୁର ଓ ଅନୁଗୋଳ ଜିଲାର ବିଭିନ୍ନ ଅଞ୍ଚଳର ଚାଷୀ ଏଠାକୁ ଆଖୁ ଯୋଗାଣ କରି ଅଧିକ ଲାଭବାନ୍ ହୋଇଥିଲେ। ୨୦୨୨ ମସିହାରେ ଶକ୍ତି ସୁଗାର କମ୍ପାନୀକୁ ଇଣ୍ଡିଆନ ପଟାସ୍ ଲିମିଟେଡ୍ କମ୍ପାନୀ କିଣିନେବା ପରେ ଏହି କମ୍ପାନୀ ମଧ ଆଖୁପେଡା ଜାରି ରଖିଛି। କିନ୍ତୁ ପୂର୍ବ ଅପେକ୍ଷା ଆଖୁ ଯୋଗାଣ କମିଛି। ସେହିପରି ହାତୀ ଉପଦ୍ରବ ଆଖୁଚାଷୀଙ୍କ ପାଇଁ ଏକ ପ୍ରମୁଖ ସମସ୍ୟା ହୋଇଛି। ହାତୀ ଉପଦ୍ରବରେ ଆଖୁ ଫସଲ ନଷ୍ଟ ହେଉଥିବାରୁ ଚାଷୀମାନଙ୍କର ଚିନ୍ତା ବଢ଼ିଛି। ଏବେ ଚାଷୀମାନେ ବାଧ୍ୟହୋଇ ଆଖୁଚାଷ ହୋଇଥିବା ସ୍ଥାନରେ ହାତୀ ଦାଉରୁ ଫସଲକୁ ରକ୍ଷା ପାଇଁ ସୋଲାର ଫେନ୍ସିଂ କରୁଛନ୍ତି। ଜିଲାରେ ଆଖୁଚାଷ ପାଇଁ ସମସ୍ତ ପ୍ରକାର ଭିତ୍ତିଭୂମି ଥିଲେ ମଧ ହାତୀ ଉପଦ୍ରବ ଏଠାରେ ଆଖୁଚାଷ ଓ ଗୁଡ଼ ଉତ୍ପାଦନରେ ବାଧକ ସାଜିଛି।

**ଗୁଡ଼ ପାଇଁ ଅଣ୍ଟାଭିଡ଼ିଲେ ମହିଳାଗୋଷ୍ଠୀ:** ଦେଶବିଦେଶରେ ଆସିକା ଚିନି କାରଖାନାର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ସେହି ପୁରୁଣା କାରଖାନା ବନ୍ଦ ହେବାର ବହୁ ବର୍ଷ ପରେ ଅର୍ଥାତ୍ ୧୯୬୩ଠାରୁ ଆସିକାରେ ପୁଣି ଏକ ସମବାୟ ଭିତ୍ତିରେ ଆସିକା ସମବାୟ ଚିନିଶିଳ୍ପ ପ୍ରତିଷ୍ଠା ହୋଇଥିଲା। ଗଞ୍ଜାମ ଜିଲାର ୨୩ଟି ବ୍ଲକ ମଧ୍ୟରୁ ୧୬ଟି ବ୍ଲକରେ ଆଖୁଚାଷ ହୋଇଥାଏ। ୧୯୮୪-୮୫ରେ କାରଖାନା ୨ଲକ୍ଷ ୬୭ହଜାର ଟନ୍ ଆଖୁ ପେଡୁଥିଲା। କ୍ରମେ ତାହା ହ୍ରାସ ପାଇ ୨୦୨୨-୨୩ରେ ଏହି କାରଖାନା ମାତ୍ର ୩୮ ହଜାର ଟନ୍ ଆଖୁ ପେଡୁଛି। ଆଖୁ ଏକ ଅର୍ଥକାରୀ ଫସଲ ହୋଇଥିଲେ ମଧ୍ୟ ଆଖୁ ଚାଷୀଙ୍କୁ ଉପଯୁକ୍ତ ମୂଲ୍ୟ ଓ ଆବଶ୍ୟକ ପ୍ରୋତ୍ସାହନ ମିଳୁ ନ ଥିବାରୁ ଏହି ଚାଷଠାରୁ ଚାଷୀ ବିମୁଖ ହୋଇଥିବା ଲକ୍ଷ୍ୟ କରାଯାଉଛି। ଏହାବାଦ ବଜାରରେ ଚିନିର ବହୁଳ ପ୍ରସାର ପରେ ଗୁଡ଼ର ଚାହିଦା କମିବାରେ ଲାଗିଲା। ତଥାପି ଆଜିବି ଅନେକଙ୍କର ଗୁଡ଼ ପ୍ରତି ରୁଚି ରହିଛି। ତେଣୁ ୨୦୨୧ରୁ ଆସିକା ବ୍ଲକ ଚଢ଼ାଇପଲୀ ଓ ଗଙ୍ଗାପୁର ପଞ୍ଚାୟତରେ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ମିଶନ ଶକ୍ତି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ଗୁଡ଼ ପ୍ରସ୍ତୁତି ପୁନଃ ଆରମ୍ଭ ହେଇଛି। ପ୍ରଥମବର୍ଷ ଉଭୟ ସ୍ଥାନରୁ ୮ହଜାର ୪୫୦ କେଜି ଗୁଡ଼ ପ୍ରସ୍ତୁତ ହୋଇଥିଲା। ୨୦୨୨-୨୩ରେ ଉତ୍ପାଦନ ପରିମାଣ ସାମାନ୍ୟ ହ୍ରାସ ପାଇଥିଲା। ତେବେ ଆବଶ୍ୟକୀୟ ପ୍ରୋତ୍ସାହନ ମିଳିଲେ ୨୦୨୩-୨୪ରେ ଏହି ଗୁଡ଼ ପ୍ରସ୍ତୁତି କେନ୍ଦ୍ରରୁ ଅଧିକ ଗୁଡ଼ ଉତ୍ପାଦନ ହୋଇପାରିବ। ଆଉ ଅଧିକରୁ ଅଧିକ ଗୋଷ୍ଠୀ ଏହି କାର୍ଯ୍ୟରେ ଆଗଭର ହେବେ ବୋଲି ଆଶା କରାଯାଏ।

**ପ୍ରୋତ୍ସାହନ ମିଳିଲେ ବଢ଼ିବ ଆଠଗଡ଼ର ଗୁଡ ଉତ୍ପାଦନ:** ଦିନଥିଲା ଆଖୁଚାଷ ପାଇଁ ଆଠଗଡ଼ ବିଖ୍ୟାତ ଥିଲା। ଆଠଗଡ଼ ବ୍ଲକର ମହାନଦୀ ଅବବାହିକା ତଥା ପ୍ରାକୃତିକ ନାଳ ଦ୍ୱାରା ଜଳସେଚିତ ଅଞ୍ଚଳରେ ବହୁଳ ମାତ୍ରାରେ ଆଖୁଚାଷ କରାଯାଉଥିଲା। ଏ ଅଞ୍ଚଳର ଘଣାରେ ପ୍ରସ୍ତୁତ ଗୁଡ଼ର ଚାହିଦା ବେଶ୍ ଭଲଥିଲା। ୯୦ ଦଶକରେ ଆଠଗଡ଼ ଉପଖଣ୍ଡର ବଡ଼ମ୍ବା ବ୍ଲକ ସୁନାପାଳଠାରେ ରାଜ୍ୟ ସମବାୟ ବିଭାଗ ଦ୍ୱାରା ଚିନିକଳ ପ୍ରତିଷ୍ଠା ହେଲାପରେ ଏହାକୁ 'ଶକ୍ତି ସୁଗାର' ନାମକ ଘରୋଇ ସଂସ୍ଥା ଗ୍ରହଣ କରିଥିଲା। ଚାଷୀମାନଙ୍କୁ ବିହନ ଯୋଗାଇଦେବା ସହିତ ଜଳସେଚନ ପାଇଁ ଉପଖଣ୍ଡର ବିଭିନ୍ନ ବ୍ଲକରେ ମହାନଦୀରୁ ଉଚ୍ଚ କ୍ଷମତାସମ୍ପନ୍ନ ଉଠାଜଳସେଚନ ପ୍ରକଳ୍ପ ଦ୍ୱାରା ଜମିକୁ ଜଳ ଯୋଗାଉଥିଲା। ଏହି ସମୟରେ ଆଠଗଡ଼ ବ୍ଲକରେ ୨୦୦ ହେକ୍ଟର ଜମିରେ ଆଖୁଚାଷ କରାଯାଉଥିଲା। ୨୦୦୪ ମସିହାରେ ଶକ୍ତି ସୁଗାର ଡମ୍ପା ଚିନିକଳକୁ ବାଲାଜୀ ସୁଗାର ନାମକ ସଂସ୍ଥାକୁ ବିକ୍ରି କରାଯାଇଥିଲା। ହେଲେ ପରିଚାଳନାଗତ ତ୍ରୁଟି, ରକ୍ଷଣାବେକ୍ଷଣର ଅଭାବ, ସରକାରୀ ଉଦାସୀନତା, ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ଶକ୍ତି ସୁଗାର ବନ୍ଦ ହେବା ସହ ଜଳସେଚନ ପ୍ରକଳ୍ପ ବି ବନ୍ଦ ହେଇଯାଇଥିଲା। ଏବେ କିନ୍ତୁ ଢେଙ୍କାନାଳସ୍ଥିତ ଶକ୍ତି ସୁଗାରର ପ୍ରୋତ୍ସାହନ ପାଇ ବ୍ଲକର ଦୋରଡ଼, ମହାକାଳବସ୍ତ, ଧୁରୁଷିଆ, କଣ୍ଡରେଇ ଆଦି ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମରେ ଆଖୁଚାଷ ବୃଦ୍ଧି ପାଇ ପ୍ରାୟ ୧୪୦ ହେକ୍ଟର ଜମିରେ ପହଞ୍ଚିଛି। ଫଳରେ ଗୁଡର ଉତ୍ପାଦନ ବି କିଛିଟା ବଢ଼ିଛି। ତେବେ ପ୍ରୋତ୍ସାହନ ମିଳିଲେ ଏଠାକାର ଗୁଡ ଉତ୍ପାଦନ ପୁଣିଥରେ ବଢ଼ିବ ବୋଲି ଚାଷୀ କୁହନ୍ତି।

ବହୁ ଉପକାରୀ ଏହି ଗୁଡ଼ ଯେମିତି ନ ହରାଉ ତା'ର ସତ୍ତା। ପୁଣିଥରେ ବଢୁ ଏହାର ଉତ୍ପାଦନ ଓ ଚାହିଦା। ସେଥିପାଇଁ ସରକାରଙ୍କର ପ୍ରୋତ୍ସାହନ ନିହାତି ଜରୁରୀ।

**-ବନବିହାରୀ ବେହେରା, ଲୋକନାଥ ମିଶ୍ର, ପ୍ରେମାନନ୍ଦ ଖମାରୀ, ରତନ ନାୟାର, ସୁରେନ୍ଦ୍ର ନାଥ ସାହୁ, ସତ୍ୟପ୍ରସାଦ ରଥ**





# ନିଆରା ମଣିଷ ତ୍ରିନାଥ



**ତ୍ରିନାଥ ପଲାଇ, ପେସାରେ ସେ ଜଣେ ଶିକ୍ଷାବିତ୍ କିନ୍ତୁ ନିଶାରେ ବଡିବିଲ୍ଡର। ତା'ସହ ସେ ଜଣେ ପରିବେଶପ୍ରେମୀ ଓ ସାମାଜିକ କର୍ମୀ ମଧ୍ୟ। ଆଉ ଜଣେ ଆଧ୍ୟାତ୍ମିକ ମଣିଷ, ଯେକି ନିଜର ସମସ୍ତ ସମ୍ପତ୍ତିକୁ ବିକି ତୋଳିଛନ୍ତି ୧୨ଟି ମନ୍ଦିର। ସେଇ ନିଆରା ବ୍ୟକ୍ତିତ୍ୱଙ୍କ ସମ୍ପର୍କରେ..**










ପେସାରେ ସେ ଜଣେ ଶିକ୍ଷାବିତ୍ କିନ୍ତୁ ନିଶାରେ ବଡିବିଲ୍ଡର। ଅନେକ ଛାତ୍ରଙ୍କୁ ସେ ମାଗଣାରେ ସୁନ୍ଦର ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ତାଲିମ ପ୍ରଦାନ କରିଥାନ୍ତି। ଭାଗବତ ସେବା ହେଉ କି ପରିବେଶ ସୁରକ୍ଷା ଲାଗି ବୃକ୍ଷରୋପଣ ଅବା ଗରିବ ପିଲାଙ୍କୁ ମାଗଣାରେ ପୁସ୍ତକ ବଣ୍ଟନ ଏସବୁ କାମକୁ ସେ କରନ୍ତି ବେଶ୍ ହୃଦୟର ସହ। ଅନେକ ପିଲାଙ୍କ ଭବିଷ୍ୟତ ଗଢିଛନ୍ତି। ଉତ୍ତମ ମଣିଷ ଭାବେ ଗଢି ତୋଳିଛନ୍ତି। ଏଥିପାଇଁ ସେ ଜଣେ ଶ୍ରେଷ୍ଠ ଓ ଆଦର୍ଶ ଶିକ୍ଷକରୂପେ ରାଜ୍ୟପାଳଙ୍କଠାରୁ ପୁରସ୍କୃତ ବି ହୋଇଛନ୍ତି। ସେ ହେଲେ ଅବସରପ୍ରାପ୍ତ ଶିକ୍ଷକ ତଥା ବଡିବିଲଡର **ତ୍ରିନାଥ ପଲାଇ**। ଜନ୍ମ ସ୍ଥାନ ଗଞ୍ଜାମ ଜିଲାର ଆମ୍ଭପୁଆରେ। ପିତା–ଆନନ୍ଦ ପଲାଇ ଓ ମା' ତଅପୋଇ ଦେଇ । ଏବେ ସେ ରହୁଛନ୍ତି କୋରାପୁଟ ଜିଲାର ସୁନାବେଡା ଅଞ୍ଚଳରେ। ସେ କୁହନ୍ତି, '୧୯୭୨ମସିହାରୁ କୋରାପୁଟରେ ଅଛୁ। ବାପା ମା' ସେଇଠି ଚାକିରି କରିଥିବାରୁ ସେଠାରେ ରହିବା ସହ ପାଠପଢ଼ା ବି ହେଲା। ଆଉ ଧୀରେ ଧୀରେ ସେଠାକାର ଶିକ୍ଷା ସଂସ୍କୃତି ସହିତ ବି ଜଡ଼ିତ ହେଲି । ସେତେବେଳେ ଏହି ଅଞ୍ଚଳରେ ଶିକ୍ଷାର ବିଶେଷ ସୁବିଧା ନ ଥିଲା। ତେଣୁ ସେଠାକାର ପିଲାମାନେ କେମିତି ଶିକ୍ଷିତ ହେବେ ସେଇ ଚିନ୍ତା ମତେ ଘାରିଲା। ତେଣୁ କିଛି ପିଲାଙ୍କୁ ପାଠ ପଢ଼ାଇବା ଆରମ୍ଭ କଲି । ପରେ ଶିକ୍ଷକତାକୁ ପେସା କଲି। ଏହାବାଦ ଜନସେବା ଓ ପରିବେଶ ସୁରକ୍ଷା ପାଇଁ ମଧ୍ୟ କାର୍ଯ୍ୟ କଲି। ଆଖପାଖ ଅଞ୍ଚଳରେ ଚନ୍ଦନ, ବଉଳ, କୃଷ୍ଣଚୂଡ଼ା ଆଦି ବିଭିନ୍ନ ବୃକ୍ଷର ଚାରା ଲଗାଇଲି। ସ୍ୱାସ୍ଥ୍ୟ ହିଁ ସଂପଦ ଏକଥା ଛାତ୍ରୀଛାତ୍ରଙ୍କୁ ସବୁବେଳେ କହିଥାଏ। ଏଥିପାଇଁ ଯୋଗାସନ, ଭାରୋତ୍ତଳନ ବଡିବିଲଡିଂରେ ପିଲାଙ୍କୁ ତାଲିମ ଦେବା ଆରମ୍ଭ କଲି। ସୁନାବେଡ଼ା ଅଞ୍ଚଳରେ ଏକ ଜୟ ବଜରଙ୍ଗ ବ୍ୟାୟାମଶାଳା ଗଠନ କଲି। ତାସହ ଗାଁ ଗାଁ ବୁଲି ଲୋକଙ୍କୁ ସ୍ୱାସ୍ଥ୍ୟ ସଚେତନ କରାଇଲି। ୧୯୭୯ରେ ମୁଁ ମି.ଇଣ୍ଡିଆ ବିଜେତା ହେବା ସହିତ ସର୍ବଭାରତୀୟ ସ୍ତରରେ ପୁରସ୍କୃତ ହୋଇଥିଲି। ଏହାର ପ୍ରଭାବରେ ବହୁ ଛାତ୍ରଙ୍କୁ ଏହି କ୍ଷେତ୍ରରେ ଆଗକୁ ଯିବା ଲାଗି ଆଗ୍ରହ ପ୍ରକାଶ କଲେ। ମୁଁ ସେମାନଙ୍କୁ ତାଲିମ ଦେଲି। ସୁନ୍ଦର ସ୍ୱାସ୍ଥ୍ୟ ଗଠନର ତାଲିମ ଦେଇଥିବା ଯୁବକମାନଙ୍କ ମଧ୍ୟରେ ଘାଷିରାମ ହନ୍ତାଳ, ଘେନୁ କାଡ଼ାମ୍, ଜି.ସଞ୍ଜିବ କୁମାର, କୃଷ୍ଣବାର୍ଲିପାଡ଼ିଆ, କାଶୀନାଥ ବିଶ୍ୱାଳ ଆଦି ରାଜ୍ୟ ଓ ଦେଶରେ ଜଣେ ଜଣେ ବଡିବିଲ୍ଡର ଭାବେ ସଫଳତା ପାଇପାରିଛନ୍ତି। ସେମିଳିଗୁଡ଼ାର ଲୋକ ମତେ ମୋ ପରିବାର ପରି ଲାଗନ୍ତି। କାରଣ ସେମାନେ ମୋତେ କୁହନ୍ତି– ଏଇ ପୋଲାଇ ମାଷ୍ଟର, ଆମର ପୁଅ ଓ ଆମ ନାତିମାନଙ୍କର ମାଷ୍ଟର। ସେ ଆମକୁ ପୁରାଣ ପଢ଼ାଇଥିଲା, ନାତିକୁ ବଡିବିଲ୍ଡିଂ ଶିଖାଇଲା। ଆମ ଗାଁ ଲୋକଙ୍କୁ ପାଠପଢ଼ାଇଛି, ମଣିଷ କରାଇଛି। ସେମାନଙ୍କଠାରୁ ଏଇ ସବୁ କଥା ଶୁଣିଲେ ମତେ ଲାଗେ ମୋ କର୍ମର ଫଳ ମୋତେ ମିଳି ଗଲା। ଏହାବାଦ ଶିକ୍ଷକଭାବେ ଯେଉଁମାନଙ୍କୁ ପାଠ ପଢ଼ାଇଥିଲି ସେମାନଙ୍କ ମଧ୍ୟରେ କିଏ ରାଜନେତା ତ କିଏ ଇଞ୍ଜିନିୟର ଓକିଲ, ବଡ଼ ଅଫିସର ହୋଇଛନ୍ତି। ଯାହା ମତେ ଆତ୍ମସନ୍ତୋଷ ଦିଏ। ଗୋଟିଏ କଥା ମନେପଡୁଛି ୧୯୮୧ମସିହା ବାତ୍ୟାରେ ସ୍କୁଲ କାନ୍ଥ ପାଚେରି ଭାଙ୍ଗି ଯାଇଥିଲା। ସେତେବେଳେ କିଛି ଦିନ ପିଲାମାନେ ସ୍କୁଲ ଆସିବା ବନ୍ଦ ହେଇଗଲା, ଯାହା ମତେ ବହୁତ କଷ୍ଟ ଲାଗିଥିଲା। ସେଥିପାଇଁ ନିଜ ଖର୍ଚ୍ଚରେ ସ୍କୁଲର ମରାମତି କରିଥିଲି। ପରେ ଏଥିପାଇଁ ସରକାରୀସ୍ତରରେ ରାଜ୍ୟପାଳଙ୍କଠାରୁ ପୁରସ୍କୃତ ହୋଇଥିଲି। ବନ୍ୟା, ବାତ୍ୟା ସମୟରେ ନିଜ ସାଧ୍ୟମତେ କେତେଜଣ ଗରିବ ଲୋକଙ୍କୁ ଚାଉଳ, ଚୁଡ଼ା, ଲୁଗା ଓ ଔଷଧପତ୍ର ପ୍ରଦାନ କରିଥାଏ। ତା'ସହ ଗରିବ ଲୋକଙ୍କ ବିବାହ ଉତ୍ସବରେ କିଛି ଆର୍ଥିକ ସାହାଯ୍ୟ ବି କରିଛି। ଲୋକଙ୍କୁ କିଛି ସାହାଯ୍ୟ କରିପାରିଲେ ମତେ ଭଗବାନଙ୍କ ସେବା କରିବା ପରି ଅନୁଭବ ହୁଏ। ତେଣୁ ଯେତେବେଳେ ବି ସୁଯୋଗ ମିଳେ ତାକୁ ମୁଁ ହାତ ଛଡା କରିବାକୁ ଚାହେଁନା। ଏତଦ୍‌ବ୍ୟତୀତ ଆଧ୍ୟାତ୍ମିକ ଚେତନା ଦ୍ୱାରା ଅନୁପ୍ରାଣିତ ହୋଇ ସୁନାବେଡ଼ା ବଜାର ନିକଟରେ ଏକ ହନୁମାନ ମନ୍ଦିର ନିର୍ମାଣ କରିଛି, ଯାହା ପରିସରରେ ୧୨ଟି ସୁଉଚ୍ଚ ଅନ୍ୟ ଦେବୀଦେବତାଙ୍କ ମନ୍ଦିର ବି ଅଛି। ଯେମିତିକି ରାମମନ୍ଦିର, ରାମେଶ୍ୱରଙ୍କ ମନ୍ଦିର, ଶ୍ରୀଗଣେଶ ମନ୍ଦିର, ଶ୍ରୀସୂର୍ଯ୍ୟଙ୍କ ମନ୍ଦିର, ନବଗ୍ରହ ଓ ମା' ନାରାୟଣୀଙ୍କ ମନ୍ଦିର। ମନ୍ଦିର ନିର୍ମାଣ ପାଇଁ ମୁଁ ନିଜର ସମ୍ପତ୍ତିବାଡ଼ି ବିକ୍ରି କରିଦେଇଛି। ଏଇ ମନ୍ଦିର ହିଁ ଏବେ ମୋର ଘର। ଏହାର ଶୀତଳତା ଓ ପବିତ୍ରତା ମୋ ମନକୁ ତୃପ୍ତୀ ପ୍ରଦାନ କରିଥାଏ। ଏହାବାଦ ଗୋ–ସେବା ବି କରିଥାଏ। ଏବେ ମୋର ସାମାଜିକ କାର୍ଯ୍ୟରେ ଅନ୍ୟମାନେ ବି ସହଯୋଗ କରୁଛନ୍ତି। ଏଭଳି ପଥରେ ଗଲାବେଳେ ଅନେକ ସମସ୍ୟା ବି ଆସିଛି । ତଥାପି ଥକି ପଡ଼ିନି, ଆଗେଇ ଚାଲିଛି। ବିଭିନ୍ନ ସ୍ଥାନରୁ ମିଳିଥିବା ସମ୍ମାନ ଓ ପୁରସ୍କାରରୁ ଲୋକଙ୍କର ମୋ ପ୍ରତି ଥିବା ଭଲ ପାଇବାର ପରିଚୟ ମିଳିଥାଏ। ତେବେ ମୋ ପାଇଁ ଅସଲ ପୁରସ୍କାର ହେଉଛି ଗରିବ ମୁହଁରେ ମୋର କୌଣସି କାର୍ଯ୍ୟ ଲାଗି ଫୁଟି ଉଠୁଥିବା ହସ ଅଟେ। ତେଣୁ ମୁଁ ଚାହେଁ ମୋର ସାରା ଜୀବନକୁ ଲୋକଙ୍କ ହିତ ପାଇଁ ବିତେଇ ଦେବି।

–ବନବିହାରୀ



# ରଜ

**–ଅମୃତା ମିଶ୍ର**

ସକାଳ ପହରୁ ଲସର ପସର ହୋଇ କାମ କରି ଚାଲିଛି ମନୁଆ ବୋଉ, ରାତି ଏଗାରଟା ବାଜିଲାଣି। ଅଥଚ ତା'ର କାମ ସରୁନି । ରାତି ପାହିଲେ ରଜ। ଦଶ ବର୍ଷ ପରେ ପୁଅ ବିଦେଶରୁ ଫେରୁଛି ବିଦେଶିନୀ ବୋହୁ ଓ ନାତୁଣୀଙ୍କୁ ସାଙ୍ଗରେ ଧରି,ଏଇଠି ରଜ ପର୍ବ ପାଳିବ ବୋଲି । ପୁଅର ବରାଦ ରହିଛି, ଆଉ ସବୁ ରକମର ପିଠା ସାଙ୍ଗକୁ ପୋଡ ପିଠା, ତା' ସହିତ ରଜ ପାନ ଖିଲ ଏବଂ ଦୋଳି ମଧ ବନ୍ଧା ଯାଇଥିବ । ମାଆ ବାପା ଦୁହେଁ ମିଶି ସବୁ କରିଚାଲିଛନ୍ତି। ସାରା ରାତି ଉଜାଗର ରହି ମାଆ ତିଆରି କରିଛନ୍ତି ନାନା ରକମର ପିଠା ।

ସକାଳ ଦଶଟା ବାଜିଲାଣି, ଆଜି ପହିଲି ରଜ, ଦାଣ୍ଡ ଦୁଆରେ ଚଉକିରେ ବାପା ଓ ପିଣ୍ଡାରେ ମାଆ ବସି ଚାହିଁ ରହିଛନ୍ତି ପୁଅର ଆସିବା ବାଟକୁ। ହଠାତ୍ ଏକ କଳା ରଙ୍ଗର କାର୍ ଆସି ଦୁଆର ମୁହଁରେ ଅଟକିଲା। ସେଥିରୁ ଓହ୍ଲାଇଲା ପୁଅ। ଗୋଟିଏ ହାଫ୍ ପ୍ୟାଣ୍ଟ ଆଉ ଗୋଟିଏ ହାତକଟା ବାନିୟାନ ପିନ୍ଧିଥିଲା। ଛୋଟ ଫ୍ରକ୍‌ଟିଏ ପିନ୍ଧି ଓହ୍ଲାଇଥିବା ଝିଅଟିକୁ ଦେଖାଇ, ପୁଅ କହିଲା ''ମାଆ ଇଏ ତୋ ବୋହୂ।'' ବାପା ମାଆ ଦୁହେଁ ଆଁ କରି ଅନେଇ ରହିଥାନ୍ତି। ଛୋଟ ନାତୁଣୀ ଗାଡିରୁ ଓହ୍ଲାଇ ଦଉଡି ଗଲା ଘର ଅଗଣାରେ ବନ୍ଧା ହୋଇ ଥିବା ରଙ୍ଗ ବେରଙ୍ଗ ଫୁଲ ଖଞ୍ଜା ଦୋଳି ପାଖକୁ । ଘର ଭିତରକୁ ଯାଇ ପୁଅ ମାଆ ସହିତ ମିଶି ପିଠା ଓ ପାନକୁ ଅଲଗା ଅଲଗା ସୁନ୍ଦର କରି ଥାଳିରେ ସଜାଇ ଦେଲା। ବୋହୁ ଏପାଖ, ସେପାଖରୁ ସେସବୁର ଫଟୋ ଉଠେଇବାରେ ଆଉ ଭିଡ଼ିଓ କରିବାରେ ଲାଗିଗଲେ। ଏମିତି ଦୁଇ ଘଣ୍ଟା ବିତିଗଲା ।

ଏବେ ପୁଅ ବୋହୁ ଯିବାକୁ ବାହାରିଲେ। ମାଆ ପଚାରିଲେ ''ତୁମେ ମାନେ କ'ଣ ଖାଇବନି, ଏମିତି ପଳେଇବ ? ତୁ କହିଥିଲୁ ଗାଁରେ ରଜ ତିନିଦିନ ରହିବୁ ବୋଲି ?'' ମାଆ ନାତୁଣୀକୁ ଟିକିଏ ଗେଲ କରିବାକୁ ହାତ ବଢାଇଲା ବେଳକୁ, ବୋହୁ ଇଂରାଜୀରେ ପୁଅକୁ କ'ଣ ସବୁ କହି, ଝିଅକୁ ଭିଡି ନେଇ କାର୍ ଭିତରକୁ ଚାଲିଗଲା। ମାଆ ଲଥ କିନା ତଳେ ବସିପଡ଼ିଲା। ପୁଅ ବାପାଙ୍କୁ କହିଲା, ବାପା ତୁମେ ତ ଜାଣିଛ ବିଦେଶରେ ଆମ ସଂସ୍କୃତିର ସ୍ଥାନ କେତେ ଉଚ୍ଚରେ। ତୁମ ବୋହୁ ''ଗାଆଁରେ ରଜ'' ଉପରେ ଗବେଷଣା କରୁଛି। ସେଥିପାଇଁ ନିଜେ ରଜରେ ସାମିଲ ଥିବା କିଛି ଫଟୋ ଓ ଭିଡ଼ିଓ ଦରକାର ଥିଲା ବୋଲି ସେ ଆସିଥିଲା। ସିଏ ଏଠି ଏଇ ଗାଆଁରେ ଏ.ସି ନ ଥିବା ସିମେଣ୍ଟ ଘରେ ରହି ପାରିବନି । ତେଣୁ ସନ୍ଧ୍ୟା ଫ୍ଲାଇଟ୍‌ରେ ଆମେ ଫେରିଯିବୁ ।

ଭୂଇଁରେ ଲୋଟି ପଡିଥିବା ମାଆକୁ ଦେଖାଇ ବାପା କହିଲେ, ''ତୁ ଯିବା ଆଗରୁ ମାଆ ପାଟିରେ ପାଣି ଟୋପେ ଦେଇଯା।'' ପୁଅ ପଚାରିଲା କାହିଁକି ? ତା'ପରେ ବାପା କ'ଣ କହୁଥିଲେ ନ ଶୁଣି କାର୍ ଭିତରୁ ଡାକୁଥିବା ବୋହୁ ଆଡ଼କୁ ଚାହିଁ ଚାହିଁ ଚାଲି ଯାଉଥିଲା ପୁଅ। ବାପା ଦେଖୁଥିଲେ କାର୍‌ରେ ବସିଥିବା ପୁଅ, ବୋହୁ, ନାତୁଣୀଙ୍କୁ। ଆଉ ମାଆ ଚାହୁଁଥିଲେ, ସଜା ହୋଇ ଥୁଆ ହୋଇଥିବା ପୋଡ ପିଠା, ଖିଲିପାନ ଆଉ ଖାଲି ଦୋଳି ଆଡ଼କୁ ।

*–ଜଗନ୍ନାଥ ଭିଲ୍ଲା, ସୁନ୍ଦରପଦା, ଭୁବନେଶ୍ୱର*
*ମୋ: ୮୨୭୦୦୦୭୨୭୦*

# ରଜ

**–ଅବନୀ କୁମାର ମିଶ୍ର**

ମାଟି ମାଆ ମୋର ବରଷାରେ ଭିଜି
ରଜରେ ହୋଇବ ସଜ
ସଂସାର ପାଳକ କୃଷକ ବୁଣଇ
ମାଟି ମାଆ କୋଳେ ବୀଜ।
କୁଆଁରୀ ମନର ଆବେଗ ଭିତରେ
ଖେଳୁଥାଇ ରଜ ଦୋଳି
ସେହି ରଜ ଦୋଳି ଖେଳୁଖେଳୁ ସିନା
ଖେଳଇ ଜୀବନ ଦୋଳି।
କେବେତ ଆଗକୁ କେବେତ ପଛକୁ
ଦୋଳି ବାହି ଦେଉଥାଏ
ଉଠାଣି ଗଡାଣି ଜୀବନର ରାସ୍ତା
ଏ ଦୋଳି ଶିଖାଇ ଦିଏ।

*–ଉପ ସଭାପତି, ରାଜ୍ୟ କଳା ଓ ସଂସ୍କୃତି ସଂଘ, ଢେଙ୍କାନାଳ*
*ମୋ: ୮୭୬୩୦୧୫୫୩୩*



# ସ୍ୱପ୍ନରେ ଆସିଥିଲ

**–ବିବୁଲ ମହାକୁର**

ସ୍ୱପ୍ନରେ ଆସିଥିଲ ଛମ୍‌ଛମ୍ କରି
ପୁଣି ଫେରିଗଲ ପାଦ ଚାପିଚାପି,
ବୋଧେ ଅସହାୟ ଥିଲ
ନା ଅସହାୟତା ମଧ ଅସହାୟ ଥିଲା !
ଆଉ ଥରେ ଶୁଣିଥାନ୍ତି ପାଦର ପାଉଁଜି
ଥରେ ଦେଖିଥାନ୍ତି ତମ ଛାଇକୁ,
ବାନ୍ଧି ଦେଇଥାନ୍ତି ତମ ପ୍ରେମ ମଳୟକୁ
ମୋ ହୃଦୟ କୋଠରୀ ମଧରେ।
କିଏ କହେ ମଳୟକୁ ବାନ୍ଧି ହେବନି ?
ଥରେ ପ୍ରୟାସର ସୁଯୋଗ ଦେଇଥାନ୍ତ,
ମିଶେଇ ଦେଇଥାନ୍ତି ଆକାଶକୁ
ସରୁ ସରୁ ଘାସ ଗାଲିଚା ସହ।

*–ବୁର୍ଲା, ଲୋଇସିଂହା*
*ମୋ: ୮୨୪୯୭୦୨୨୫୨*

# ଦୃଢ଼ମନା ତାରା


**ତା**ରା ସୁଟାରିଆଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ଏବେ ଅଭିନୟ ସହ ପରିବେଶ ସୁରକ୍ଷା ତଥା ବୃକ୍ଷରୋପଣ ପାଇଁ ମନ ବଳାଇଛନ୍ତି। ପୁଣି ଏଥିପାଇଁ ଯେମିତି ହେଲେ କିଛି ସମୟ ବାହାର କରିବେ ବୋଲି କହି ବୁଲୁଛନ୍ତି। ଏ ନେଇ ତାରା କହନ୍ତି, 'ଏଥର ବିଶ୍ୱ ପରିବେଶ ଦିବସ ଅବସରରେ ମୁଁ ଏଭଳି ନୂଆ ଯୋଜନା କରିଛି। କାରଣ ବର୍ତ୍ତମାନ ପରିବେଶ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉଛି। ପରିବେଶ ପ୍ରଦୂଷିତ ହେବା ଦ୍ୱାରା ଆମେ ଏବଂ ପ୍ରାଣୀଜଗତ ପ୍ରଭାବିତ ହେଉଛେ। ତେଣୁ ଏହା କିପରି ପ୍ରଦୂଷଣମୁକ୍ତ ହେବ ସେ ନେଇ ଆମେ ସମସ୍ତେ ହାତ ମିଳାଇବା ଦରକାର। ଏଭଳି ମିଶନରେ ମୁଁ ନିଜକୁ ବି ସାମିଲ କରିଛି। ତା'ସହ ନିଜେ କିଛି ବୃକ୍ଷରୋପଣ କରିବା ସହ ଅନ୍ୟମାନଙ୍କୁ ଏ ନେଇ ଉତ୍ସାହିତ କରିବି।' ତାରାଙ୍କୁ ଯେତେବେଳେ ଅବସର ମିଳେ ସେତେବେଳେ ସେ କ'ଣ କରନ୍ତି ଜାଣନ୍ତି? ଏହି ଲିଜର ସମୟରେ ସେ ଗାର୍ଡେନିଂରେ ମନୋନିବେଶ କରନ୍ତି। ପିଲାଟି ଦିନରୁ ତାଙ୍କର ଗାର୍ଡେନିଂ ପ୍ରତି ସଉକ ଥିଲା। କିନ୍ତୁ ପାଠ ପଢ଼ା ଏବଂ ବଲିଉଡ୍‌ରେ ବ୍ୟସ୍ତ ରହୁଥିବାରୁ ସେଥିପାଇଁ ସମୟ ଦେଇପାରୁ ନ ଥିଲେ। ହେଲେ ଏବେ ସେ ପ୍ରତିଦିନ କିଛି ସମୟ ବଗିଚା କାମରେ ନିଜକୁ ନିୟୋଜିତ ରଖୁଛନ୍ତି। କେବଳ ସେତିକି ନୁହେଁ, ନିଜ ଗାର୍ଡେନରେ ସେ ବିଭିନ୍ନ ପୋଜ୍‌ରେ ଫଟୋ ଉଠାଇ ସେଗୁଡ଼ିକୁ ନିଜର ସୋସିଆଲ ମିଡିଆରେ ଅପଲୋଡ୍ କରୁଛନ୍ତି। କରନ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨'ରୁ ତାରା ତାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ଏଥିରେ ଟାଇଗର ଶ୍ରଫ ଏବଂ ଅନନ୍ୟା ପାଣ୍ଡେଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା।



ତାରା

# 'ବଡ଼େ ମିଆଁ ଛୋଟେ ମିଆଁ'

**ଅ**ଲ୍ଲୀ ଆବାସ ଜାଫରଙ୍କ ନୂଆ ହିନ୍ଦୀ ସିନେମା 'ବଡ଼େ ମିଆଁ ଛୋଟେ ମିଆଁ'କୁ ନେଇ ଚର୍ଚ୍ଚା। କାରଣ ଏହି ଫିଲ୍ମରେ ଆକ୍ସନ ଷ୍ଟାର ଅକ୍ଷୟ କୁମାର ଏବଂ ଟାଇଗର ଶ୍ରଫଙ୍କୁ ଦେଖିବାକୁ ମିଳିବ। ଏହି ଫିଲ୍ମଟି ଆସନ୍ତା ବର୍ଷ ଇଦ୍ ଅବସରରେ ରିଲିଜ ହେବ। ଏ ନେଇ ଟାଇଗର କହନ୍ତି, 'ଅକ୍ଷୟ କୁମାରଙ୍କ ପରି ଅଭିନେତାଙ୍କ ସହ ଆକ୍ଟିଂ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ। ଏହି ଫିଲ୍ମରେ ଆମ ଯୋଡ଼ିକୁ ଦର୍ଶକ ଗ୍ରହଣ କରିବେ ବୋଲି ଆଶା ରଖିଛି। ତା'ସହ ଏଥିରେ ମୋତେ ଯେଉଁ ଭୂମିକା ମିଳିଛି ତାହାକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରିଛି। ଫିଲ୍ମର କାହାଣୀକୁ ଠିକ୍ ଭାବରେ ଉପସ୍ଥାପନା କରିବାକୁ ନିର୍ଦ୍ଦେଶକ ବେଶ୍ ପରିଶ୍ରମ କରିଛନ୍ତି।' ଏହାପୂର୍ବରୁ ୧୯୯୮ରେ ବାସୁ ଭଗନାନିଙ୍କ ପ୍ରଯୋଜିତ 'ବଡ଼େ ମିଆଁ ଛୋଟେ ମିଆଁ' ରିଲିଜ ହୋଇ ହିଟ୍ ସାବ୍ୟସ୍ତ ହୋଇଥିଲା। ଡେଭିଡ୍ ଧାୱନଙ୍କ ନିର୍ଦ୍ଦେଶିତ ଏହି ଚିତ୍ରର ମୁଖ୍ୟ ଭୂମିକାରେ ଅମିତାଭ ବଚ୍ଚନ, ଗୋବିନ୍ଦା, ରବିନା ଟଣ୍ଡନ, ରମ୍ୟେୟା କ୍ରିଷ୍ଣା ପ୍ରମୁଖ କଳାକାର ଅଭିନୟ କରିଥିଲେ। ସେତେବେଳେ ଏହି ଫିଲ୍ମଟିର ବଜେଟ୍ ଥିଲା ମାତ୍ର ୯କୋଟି। ବକ୍ସ ଅଫିସରେ ଏହି ସିନେମା ୩୪ କୋଟିର ବିଜନେସ୍ କରିଥିଲା। ହେଲେ ଏବେ ପୁଣି ଥରେ ଅଲ୍ଲୀ ଆବାସ ଜାଫର ଏକା ଟାଇଟଲକୁ ନେଇ ଆଉ ଏକ ସିନେମା ନିର୍ମାଣ କରିଛନ୍ତି। ତେବେ ନୂଆ ସିନେମାରେ କି ମସଲା ଅଛି ତାହା ରିଲିଜ ପରେ ହିଁ ଜଣାପଡ଼ିବ।



'ବଡ଼େ ମିଆଁ ଛୋଟେ ମିଆଁ' ଫିଲ୍ମରେ ଅକ୍ଷୟ କୁମାର-ଟାଇଗର ଶ୍ରଫ



ରକୁଲ୍

# ରକୁଲଙ୍କ ନୂଆ ଯୋଜନା

**ର**କୁଲ ପ୍ରୀତ ସିଂ ଏବେ ନୂଆ ଯୋଜନା କରିଛନ୍ତି। ନିଜ ଆକ୍ଟିଂ କ୍ୟାରିୟରକୁ ସଜାଡ଼ିବାକୁ ସେ କୌଣସି ନୂଆ ଅଫର ପାଇବା ମାତ୍ରେ ପ୍ରଥମେ ଭଲ ଭାବରେ ତର୍ଜମା କରୁଛନ୍ତି। ନିଜ କ୍ୟାରିୟର ସମ୍ପର୍କରେ ସେ କହନ୍ତି, 'ଆକ୍ଟିଂ ଏପରି ଏକ ଲାଇନ୍ ଯେଉଁଥିରେ ବେଶ୍ ସତର୍କ ହେବାକୁ ପଡ଼ିବ। ଏକାଥରେ ଗୁଡ଼ାଏ ସିନେମାରେ ଅଭିନୟ କରିବା ଅପେକ୍ଷା ଭଲ ଫିଲ୍ମରେ ଅଭିନୟ କଲେ କ୍ଷତି କ'ଣ? ତେଣୁ ମୁଁ ସ୍ଥିର କରିଛି, ଦେଖିଚାହିଁ ଫିଲ୍ମ ସାଇନ୍ କରିବି।' ରକୁଲ୍‌ଙ୍କ ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା କନ୍ନଡ ଫିଲ୍ମ 'ଗିଲି'ରୁ। ତା'ପରେ ସେ କେତୋଟି ତାମିଲି ଏବଂ ତେଲୁଗୁ ସିନେମାରେ ଅଭିନୟ କରିଥିଲେ। ପ୍ରଯୋଜକ ଭୂଷଣ କୁମାର ତାଙ୍କୁ ବଲିଉଡ୍‌ରେ ବ୍ରେକ୍ ଦେଇଥିଲେ। ଆଉ ତାଙ୍କର ହିନ୍ଦୀ ଡେବ୍ୟୁ ଫିଲ୍ମ ଥିଲା 'ୟାରିୟାଁ', ଯାହା ୨୦୧୪ରେ ରିଲିଜ ହୋଇଥିଲା। ଏହାପରେ ସେ 'ଅଇୟାରୀ', 'ଦେ ଦେ ପ୍ୟାର ଦେ', 'ମରଯାଓଁ', 'ସିମଲା ମିର୍ଚି', 'ସର୍ଦ୍ଦାର କା ଗ୍ରାଣ୍ଡସନ୍'ରେ ଅଭିନୟ କରିସାରିଛନ୍ତି। ତାଙ୍କ ହାତରେ ଏବେ ମାତ୍ର ଗୋଟିଏ ହିନ୍ଦୀ ସିନେମା ରହିଛି, ଯାହା ଟାଇଟଲ ହେଉଛି 'ମେରି ପତ୍ନୀ କା ରିମେକ୍'। ତେବେ ରକୁଲ୍‌ଙ୍କ ନୂଆ ଯୋଜନା ତାଙ୍କ ଅଭିନୟ ଜୀବନରେ କି ମୋଡ ଆଣୁଛି ତାହା ଦେଖିବାକୁ ବାକି ରହିଲା।

# ପ୍ରିୟେ ତୁ ମୋ ସିଏ

**ପ୍ରେ**ମ କେଉଁଠି, କେମିତି, କେତେବେଳେ ହୋଇଯାଏ ତାହା କଳ୍ପନା କରିବା କଷ୍ଟକର। ଜଣେ ଗରିବ ପୁଅ କିପରି ଧନୀ ଝିଅକୁ ଭଲ ପାଉଛି ଆଉ ଏହାର ଶେଷ ପରିଣତି କ'ଣ ହେଉଛି-ସେଭଳି ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'ପ୍ରିୟେ ତୁ ମୋ ସିଏ'। ଏଥିରେ ଅମ୍ଲାନ, ବବି ମିଶ୍ର, ଦିବ୍ୟା ଏବଂ ଏଲିନାଙ୍କୁ ଦେଖିବାକୁ ମିଳିବ। ଝିଲିକ ଭଟ୍ଟାଚାର୍ଯ୍ୟଙ୍କ ପ୍ରଯୋଜନାରେ ପ୍ରସ୍ତୁତ ଏହି ଫିଲ୍ମର ନିର୍ଦ୍ଦେଶନା ଭାର ତୁଲାଇଛନ୍ତି ସୁଧାଂଶୁ ମୋହନ ସାହୁ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ। କାହାଣୀର ସ୍ୱତନ୍ତ୍ରତା ହିଁ ଦର୍ଶକଙ୍କୁ ଆକୃଷ୍ଟ କରିବ। କାହାଣୀଟିକୁ ଠିକ୍ ଭାବରେ ଉପସ୍ଥାପନା କରିବାକୁ ଶତ ପ୍ରତିଶତ ଚେଷ୍ଟା କରାଯାଇଛି ବୋଲି କହନ୍ତି ଏହାର ପ୍ରଯୋଜିକା। ସିନେମାଟି ଖୁବ୍ ଶୀଘ୍ର ରିଲିଜ ହେବ ବୋଲି ଚଳଚ୍ଚିତ୍ରର କ୍ରିଏଟିଭ୍ ହେଡ୍ ପ୍ରଣୟ ଜେଠୀ ସୂଚନା ଦେଇଛନ୍ତି।



ଅମ୍ଲାନ

# ଅଭିନୟ ପାଇଁ..

**ବେ**ଳେବେଳେ ଅଭିନୟ ପାଇଁ କିଛି ଆଶା ଅପୂରଣ ହୋଇ ରହିଯାଇଥାଏ। ଦେଖୁନାହାନ୍ତି, ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ଦବଙ୍ଗ ଗର୍ଲ ସୋନାକ୍ଷୀ ସିହ୍ନାଙ୍କ ଆଶା ଥିଲା ଫ୍ୟାଶନ ଡିଜାଇନର ହେବାକୁ। ହେଲେ ସେହି ଆଶାକୁ ତାଙ୍କୁ ତ୍ୟାଗ କରି ନୂଆ ଦୁନିଆରେ ପାଦ ଦେବାକୁ ପଡ଼ିଛି। କଥା କ'ଣ କି ଆକ୍ଟିଂକୁ କ୍ୟାରିୟର କରିବା ପୂର୍ବରୁ ସେ ଫ୍ୟାଶନ ଡିଜାଇନିଙ୍ଗରେ ବ୍ୟାଚେଲର ଡିଗ୍ରୀ ହାସଲ କରିଥିଲେ। ହେଲେ ମଡେଲିଂ ଦୁନିଆରେ ପ୍ରବେଶ କରିବା ପରେ ସେ ଅଭିନୟକୁ ଆପଣେଇ ନେଇଥିଲେ । ଏ ବିଷୟରେ ସୋନାକ୍ଷୀ କହନ୍ତି, 'ଫ୍ୟାଶନ ଡିଜାଇନର ହେବାକୁ ମୋର ଆଶା ଥିଲା। ଏପରିକି ସେ ନେଇ କୋର୍ସ ମଧ୍ୟ କରିଥିଲି। କିନ୍ତୁ ସବୁକିଛି ଓଲଟ ପାଲଟ ହୋଇଗଲା। ଶେଷରେ ଆକ୍ଟିଂକୁ କ୍ୟାରିୟର କରିଥିଲି।' ୨୦୧୦ରେ ତାଙ୍କର ଡେବ୍ୟୁ ଫିଲ୍ମ 'ଦବଙ୍ଗ' ରିଲିଜ ହୋଇଥିଲା। ଏଥିରେ ତାଙ୍କ ଅପୋଜିଟ୍‌ରେ ଥିଲେ ସଲମାନ ଖାଁ ଓରଫ ସଲ୍ଲୁ ମିଆଁ। ଫିଲ୍ମଟି ହିଟ୍ ହେବା ପରେ ସେ ଏହାର ସାଇନିଂ ଆମାଉଣ୍ଟ ସଲମାନଙ୍କ ସ୍ୱେଚ୍ଛାସେବୀ ସଂସ୍ଥା 'ବିଇଙ୍ଗ ହ୍ୟୁମାନ'କୁ ଦାନ ଆକାରରେ ଦେଇଥିଲେ। ବର୍ତ୍ତମାନ ସେ ଅଭିନୟ କରିଥିବା 'ନିକିତା ରୟ ଆଣ୍ଡ ଦ ବୁକ୍ ଅଫ ଡାର୍କନେସ୍'ର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି।



ସୋନାକ୍ଷୀ

# ଭାବପ୍ରବଣ କଙ୍ଗନା

**ଏ**କଦା ଏକ ସିନେମାର ଶୁଟିଂ ପାଇଁ କଙ୍ଗନା ରାଣାଓ୍ୱତ ପ୍ରସ୍ତୁତ ହେଉଥାଆନ୍ତି। ମେକ୍‌ଅପ୍ ନେଇ ଯେତେବେଳେ ସେ ଆଇନା ସାମନାକୁ ଗଲେ ସେତେବେଳେ ସ୍ତବ୍ଧ ହୋଇ ଠିଆ ହୋଇଗଲେ। କିଛି ସମୟ ନୀରବ ରହିବା ପରେ ବଡ ପାଟିରେ କହିଲେ, 'ଭାରତ ମାତା କି ଜୟ'। ଏହା ଶୁଣି ୟୁନିଟ୍‌ର ସମସ୍ତ ସଦସ୍ୟ ସେଠାରେ ପହଞ୍ଚିଗଲେ। ସେମାନଙ୍କୁ ଦେଖି ସାଧାରଣ ଅବସ୍ଥାକୁ ଫେରି ଆସିଲେ କଙ୍ଗନା। ଏଭଳି ଘଟଣା ବିଷୟରେ ସେ କହନ୍ତି, 'ଏୟାରଫୋର୍ସ ଅଫିସର ଗେଟ୍‌ଅପ୍ ନେବା ପରେ ମୋ ମନରେ ଦେଶପ୍ରେମ ଭାବନା ଆହୁରି ସକ୍ରିୟ ହୋଇଯାଇଥିଲା। ତେଣୁ ମୁଁ ମୋ ନିଜ ଭାବପ୍ରବଣତାକୁ ନିୟନ୍ତ୍ରଣରେ ରଖିପାରି ନ ଥିଲି। ମୋ ପାଟିରୁ ସ୍ୱତଃ 'ଭାରତ ମାତା କି ଜୟ' ବୋଲି ବାହାରି ଆସିଥିଲା।' ହଁ, ନିର୍ମାଣାଧୀନ 'ତେଜସ୍' ଫିଲ୍ମର ଶୁଟିଂ ସମୟରେ ଏଭଳି ଘଟଣା ଘଟିଥିଲା। ଏଭଳି ଭୂମିକା ପାଇଁ କଙ୍ଗନା ଚାରି ମାସ ଧରି ଟ୍ରେନିଂ ନେଇଥିଲେ। ଏୟାରଫୋର୍ସ ଯୁଦ୍ଧ ବିମାନରେ ପାଇଲଟ୍ ସାଜିଥିବା ଜଣେ ସାହସୀ ମହିଳାଙ୍କ ଜୀବନୀକୁ ନେଇ ଏହି ଫିଲ୍ମଟି ନିର୍ମାଣ କରାଯାଇଛି। ଆରଏସଭିପି ମୁଭିଜ୍ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ରୋନି ସ୍କ୍ରୁୱାଲା। ସର୍ବେଶ ମେୱାରା ଏହାର କାହାଣୀ ରଚନା କରିବା ସହ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ଫିଲ୍ମଟି ଚଳିତ ବର୍ଷ ନଭେମ୍ବର ୮ରେ ରିଲିଜ ହେବାର ଯୋଜନା ରହିଛି।



କଙ୍ଗନା

ପ୍ରଥମ ରୋଜଗାର

# ପ୍ରଥମ ପାରିଶ୍ରମିକ ବୋଉଙ୍କୁ ଦେଇଥିଲି



କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ **ଡ. ଇଂ ମାନସ କୁମାର ଦାଶ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ପୁ**ରୀ ଜିଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ବାମନାଳ ଗାଁରେ ମୋ ଜନ୍ମ। ଯୁକ୍ତ ଦୁଇ ବିଜ୍ଞାନ ପରେ କେମିକାଲ ଇଂଜିନିୟରିଂରେ ଡିପ୍ଲୋମା ସାରି ପାୟୋନିୟର ୱାଟର୍ ମିନେରାଲ କର୍ପୋରେଶନରେ କ୍ୱାଲିଟି କଣ୍ଟ୍ରୋଲ୍ ଇଂଜିନିୟର୍ ଭାବେ ପ୍ରଥମେ ନିଯୁକ୍ତି ପାଇଥିଲି। ପାଖାପାଖି ୨ ବର୍ଷ ମୁଁ ଏଠି ଟ୍ରେନିଂ ପିରିୟଡ୍‌ରେ ରହିଲି ; ଯେଉଁଥିପାଇଁ ମୋତେ ଷ୍ଟାଇପେଣ୍ଡ ବି ମିଳୁଥିଲା। ପ୍ରଥମ ମାସ ଷ୍ଟାଇପେଣ୍ଡ ଟଙ୍କା ମୋ ବୋଉକୁ ନେଇ ଦେଇଥିଲି। ସେଥିରୁ କିଛି ଟଙ୍କା ଗାଁରେ ତିଆରି ହେଉଥିବା ମଙ୍ଗଳା ମନ୍ଦିରର ନିର୍ମାଣ କାର୍ଯ୍ୟରେ ଖର୍ଚ୍ଚ ହୋଇଥିଲା। ଆଉ କିଛି ଟଙ୍କା ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ଲାଗିଥିଲା। କିଛିଦିନ ପରେ ସେ ଚାକିରି ଛାଡ଼ି ରିଜିଓନାଲ ରିସର୍ଚ୍ଚ ଲାବ୍ରୋଟୋରୀ (ବର୍ତ୍ତମାନ ଆଇଏମ୍ଏମ୍‌ଟି)ରେ ଆସି ପ୍ରୋଜେକ୍ଟ ଆସିଷ୍ଟାଣ୍ଟ ଭାବେ ଯୋଗ ଦେଲି। ଏଠାରେ ପାଖାପାଖି ୮ବର୍ଷ କାମ କଲି। ଆଉ ତା'ରି ଭିତରୁ ସମୟ ବାହାର କରି ଡିଷ୍ଟାନ୍ସରେ କେମିକାଲ୍ ଇଂଜିନିୟରିଂରେ ବି–ଟେକ୍ ସାରିଦେଲି। ତା'ପରେ ମୁଁ କୌଶଲ୍ୟା ଆଗ୍ରୋ ଇଣ୍ଡଷ୍ଟ୍ରିଜ୍‌ରେ ଏକଜିକ୍ୟୁଟିଭ୍ ଡାଇରେକ୍ଟର ଭାବେ ୨ ବର୍ଷ କାମ କରି ମଞ୍ଚେଶ୍ୱରସ୍ଥିତ ସିପେଟ୍‌ରେ ହାଇଡ୍ରୋଲିକ୍ସ ଆଣ୍ଡ ନ୍ୟୁମେଟିକ୍ସ ଡିପାର୍ଟମେଣ୍ଟର ଇନ୍‌ଚାର୍ଜ ଭାବେ ଯୋଗ ଦେଇଥିଲି। ଆଉ ଏହି ସମୟରେ ହିଁ ଏମ୍.ଏସ୍‌ସି (ଆଇ.ଟି) କରିବାର ସୁଯୋଗ ପାଇଥିଲି। ସିପେଟ୍‌ରେ ୩ ବର୍ଷ କାମ କରିବା ପରେ ବୋଉର ମୃତ୍ୟୁ ହୋଇଯିବାରୁ ନନା(ବାପା)ଙ୍କର ଦେଖାଚାହାଁ କରିବାକୁ ବାଧ୍ୟ ହୋଇ ମୋତେ ଗାଁକୁ ଫେରିବାକୁ ପଡିଲା। ରୋଜଗାର ପାଇଁ ଗାଁ ପାଖରେ ଥିବା ସ୍ୱାଧୀନ ରେସିଡେନ୍ସିଆଲ୍ କଲେଜରେ କ୍ରମେ ଆଡ୍‌ମିନିଷ୍ଟ୍ରେଟର୍ ତଥା ବିଜ୍ଞାନ ଅଧ୍ୟାପକ ଭାବେ କାମ କରିବାକୁ ଲାଗିଲି। ୩ ବର୍ଷ ପରେ ପୁଣି ଭୁବନେଶ୍ୱର ଫେରିଲି ଆଉ କୌସ୍ତୁଭ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସର ପ୍ରିନ୍ସିପାଲ୍ କମ୍ ଡିନ୍ ଦାୟିତ୍ୱରେ ରହି ଶେଷରେ ୨୦୨୧ ଅକ୍ଟୋବରରେ ସେ ଚାକିରି ଛାଡିଲି। କିନ୍ତୁ ତା'ପୂର୍ବରୁ ୨୦୧୯ରେ 'ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ' ଉପରେ ପିଏଚ୍.ଡି କରିବାକୁ ମୁଁ ରେଜିଷ୍ଟ୍ରେଶନ୍ କରିଦେଇଥିଲି। ଆଉ ୨୦୨୨ରେ ମୋତେ ଡକ୍ଟରେଟ୍ ଡିଗ୍ରୀ ମିଳିଗଲା। ଏବେ ପୋଷ୍ଟ ଡକ୍ଟରାଲ୍ କରିବା ସହିତ ମୁଁ ଏବଂ ମୋର ଦୁଇଜଣ ସାଙ୍ଗ ମିଶି ବିଏସ୍ଏମ୍‌ଟି ନାମରେ ଏକ ନୂଆ ଆଇ.ଟି କମ୍ପାନୀ ଖୋଲିଛୁ। ଏ ତ ଗଲା ମୋର ପେଶାଗତ କଥା। କିନ୍ତୁ ନିଶା ମୋର ଗୀତ ବୋଲିବା ଏବଂ ସଙ୍ଗୀତ ନିର୍ଦ୍ଦେଶନା ଦେବା। ଷଷ୍ଠ ଶ୍ରେଣୀରେ ଆକାଶବାଣୀର ଶିଶୁ ସଂସାର କାର୍ଯ୍ୟକ୍ରମରେ ଗୀତ ବୋଲିବାର ସୁଯୋଗ ମିଳିଥିଲା ; ଯାହାକି ମୋତେ ପ୍ରେରଣା ଦେଇଥିଲା ଏହି ଲାଇନ୍‌ରେ ଆଗେଇବାକୁ। ଡିପ୍ଲୋମା ପଢିବା ସମୟରେ ଥରେ ମୁଁ ଗୋଟେ ପ୍ରୋଗ୍ରାମରେ ଗୀତ ଗାଉଥିଲି, ଯେଉଁଠିକି ସଙ୍ଗୀତଜ୍ଞ ହରେକୃଷ୍ଣ ନାୟକ ଅତିଥି ହୋଇ ଆସିଥିଲେ। ମୋ କଣ୍ଠ ତାଙ୍କୁ ଭଲ ଲାଗିବାରୁ ସେ ମୋତେ ଜେଇ କ୍ୟାସେଟ୍ କମ୍ପାନୀର ମାଲିକଙ୍କ ସହ ପରିଚୟ କରାଇ ଦେଇଥିଲେ। ଯଦ୍ଦ୍ୱାରା ମୋତେ 'ଭକ୍ତି ଉପାସନା' କ୍ୟାସେଟ୍ ପାଇଁ ନେତ ଉଡେ ଫରଫର କାଳିଆରେ... ଗୀତ ଗାଇବାର ସୁଯୋଗ ମିଳିଲା। ତା'ପରଠୁ ମୁଁ ଆଉ ପଛକୁ ଫେରି ଚାହିଁନି। ଜେଇ ପରେ ଟି–ସିରିଜ୍, ସନ୍ ମ୍ୟୁଜିକ୍ କ୍ୟାସେଟ୍ ପାଇଁ ବି ଗୀତ ବୋଲିଲି। ସନ୍ ମ୍ୟୁଜିକ୍‌ର ମାଲିକ ତଥା ଅଭିନେତା ଶ୍ରୀକାନ୍ତ ଗୌତମ ହିଁ ମୋ ଭିତରେ ସଙ୍ଗୀତ ନିର୍ଦ୍ଦେଶନା ଦେବାର କଳା ଅଛି ବୋଲି ମୋତେ ପ୍ରଥମେ ଚିହ୍ନାଇ ଦେଇଥିଲେ। ତାଙ୍କରି ପ୍ରେରଣାରେ କ୍ରମେ ସଙ୍ଗୀତ ନିର୍ଦ୍ଦେଶନା ଦେବା ଆରମ୍ଭ କଲି। 'ମା', 'ମହାଶିବରାତ୍ରୀ', 'ଖଣ୍ଡୁଆପାଟ' ପରି ପ୍ରାୟ ୨୫ଟି ଭଜନ କ୍ୟାସେଟ୍ ତଥା 'ସୂର୍ଯ୍ୟମୁଖୀ', 'ଗରମାଗରମ ଚୁମା', 'ଚାନ୍ଦର ଚାନ୍ଦିନୀ' ପରି ଏକାଧିକ ଆଧୁନିକ କ୍ୟାସେଟ୍ ପାଇଁ ମୁଁ ସଙ୍ଗୀତ ନିର୍ଦ୍ଦେଶନା ଦେଇସାରିଛି। ଏବେ ବି ଗୀତ ବୋଲିବା ଓ ସଙ୍ଗୀତ ନିର୍ଦ୍ଦେଶନା ଦେବା କାର୍ଯ୍ୟ ଜାରି ରହିଛି। ଓଏନ୍ଏସ୍ ଏଣ୍ଟରଟେନ୍‌ମେଣ୍ଟ ଏବଂ ଓଏନ୍ଏସ୍ ଇଭେଣ୍ଟ୍ସ ପୁରୀ ନାମରେ ମୋର ନିଜସ୍ୱ ଦୁଇଟି ୟୁଟ୍ୟୁବ୍ ଚ୍ୟାନେଲ୍ ବି ରହିଛି ; ଯେଉଁଥିରେ ମୁଁ ବୋଲିଥିବା ତଥା ନିର୍ଦ୍ଦେଶନା ଦେଇଥିବା ଅନେକ ଗୀତକୁ ଦର୍ଶକ ଦେଖି ଖୁବ୍ ପ୍ରଶଂସା କରୁଛନ୍ତି।

*–ଅନ୍ୱିତା*

ସାଥୀ



# କ୍ଷଣିକ ରୁଷାକୁ ଲାଜୁଆ ହସ, ବଡ ଅଡୁଆ ଏ ପ୍ରେମର ଫାଶ

**ପ୍ରଶ୍ନ**–ଜଣେ ଝିଅ ଦେଖିଲେ କେତେବେଳେ ହସି ଦେଉଛି ତ କେତେବେଳେ ରୁଷୁଛି। ତାହାର ଏହି ହସ ଆଉ ରୁଷା ଭିତରେ ପ୍ରେମ ରହିଛି କି ?

*–ଦିନେଶ, ଯାଜପୁର*

**ଉତ୍ତର :** ହସ ଆଉ ରୁଷା–ଏ ଦୁଇଟିକୁ ପ୍ରେମର ଗହଣା ଭାବରେ ନେଇ ପାରନ୍ତି। କାରଣ ବେଳେବେଳେ ପ୍ରେମକୁ ନେଇ ଆପଣଙ୍କ ମନ ଆକାଶରେ ଉଡି ବୁଲୁଥିବା ଅନେକ ଅସମାଧିତ ପ୍ରଶ୍ନାବଳୀର ଉତ୍ତର ସେଥିରେ ହିଁ ନିହିତ ଥାଏ। 'କ୍ଷଣିକ ରୁଷାକୁ ଲାଜୁଆ ହସ, ବଡ ଅଡୁଆ ଏ ପ୍ରେମର ଫାଶ'। ତେଣୁ ସେହି ଲାଜୁଆ ହସ ଆଉ ରୁଷାକୁ ଥଣ୍ଡା ମିଜାସରେ ତର୍ଜମା କରନ୍ତୁ। ହୁଏତ ଆପଣ ଯାହା ଖୋଜୁଛନ୍ତି ତାହା ସେଥିରେ ହିଁ ଲୁଚି ରହିଛି।

**ପ୍ରଶ୍ନ**–ଜଣେ ଝିଅକୁ ମୁଁ ଅନେକ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ସେ ମୋତେ କିଛି କହିବାକୁ ଚାହୁଁଛି, ହେଲେ କହିପାରୁ ନାହିଁ କାହିଁକି ? *–ଅମନ ସାହୁ, ବ୍ରହ୍ମପୁର*

**ଉତ୍ତର :** ଜଣେ ସୁନ୍ଦରୀକୁ ଆପଣ ଅନେକ ଥର ଆଇ ଲଭ ୟୁ କହିସାରିଲେଣି। ହେଲେ କିଛି ଫଳ ମିଳୁନି। ପୁଣି ଉଲ୍ଲେଖ କରିଛନ୍ତି ଯେ ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି, ହେଲେ କହିପାରୁନି। ବେଳେବେଳେ ମନର କଥା ମନ ଭିତରେ ଥାଏ। ସମୟ ଆସିଲେ ତାହା ଆପେ ଆପେ ବାହାରି ଆସେ। ସେ ପର୍ଯ୍ୟନ୍ତ ଧୈର୍ଯ୍ୟର ସହ ଅପେକ୍ଷା କରିବାର ଅଛି। ଯଦି ସେହି ସୁନ୍ଦରୀ ଆପଣଙ୍କୁ ଗ୍ରୀନ୍ ସିଗନାଲ ଦେଖାନ୍ତି, ସେତେବେଳେ ଆଉ ସମୟର ଅପଚୟ ନ କରି ମନ ସହ ମନ ଶୀଘ୍ର ଯୋଡି ଦେବେ।

**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋ ସହ ନଖରାମି କରୁଛି। ତାକୁ ପ୍ରେମ କରିବା ଠିକ୍ ହେବ କି ? *–ପ୍ରୀତମ ଦାସ, ପୁରୀ*

**ଉତ୍ତର :** ଅନେକ ସମୟରେ ନଖରାମିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ଗମ୍ଭୀରତାର ସହ ଗ୍ରହଣ କରୁଥିବା ବେଳେ କେତେକ ଏହାକୁ ହାଲ୍‌କା ଭାବରେ ନେଇଥାଆନ୍ତି। ଯେଉଁ ସୁନ୍ଦରୀ ଆପଣଙ୍କ ସହ ନଖରାମି କରୁଛି, ଆପଣ ସେହି ନଖରାମିରୁ ହିଁ ପ୍ରେମ ମିଶନ ଆରମ୍ଭ କରିଦିଅନ୍ତୁ ନା ! ଦେଖିବେ ଉଭୟ ନଖରାମି ଏବଂ ପ୍ରେମର ମିଶ୍ରିତ ମଜା ରସଗୋଲା ପରି ମିଠା ଲାଗିବ। ବାସ୍, ତାହାର ମଜା ନେବା ସହ ଆଗକୁ ପାଦ ବଢ଼ାନ୍ତୁ।

**ପ୍ରଶ୍ନ**–ଯାହାକୁ ପ୍ରେମ କରୁଥିଲି ତାକୁ ମୋ ସାଙ୍ଗ ବାହା ହୋଇଗଲା। ଏବେ ପୁଣି ଥରେ ମୁଁ ସେହି ପୂର୍ବ ପ୍ରେମିକାର ପ୍ରେମରେ ପଡିଯାଇଛି। ମୁଁ ଏବେ କ'ଣ କରିବି ଜାଣିପାରୁନାହିଁ। *–କେ.ଏସ., ଖୋର୍ଦ୍ଧା*

**ଉତ୍ତର :** ଯାହାକୁ ମନ ପ୍ରାଣ ଦେଇ ଭଲ ପାଉଥିଲେ ସେ ବର୍ତ୍ତମାନ ଆପଣଙ୍କ ବନ୍ଧୁର ଧର୍ମପତ୍ନୀ। ପୁଣି ଏପରି ସଂଯୋଗ ଯେ ଏବେ ପୁଣି ଥରେ ଆପଣ ତା' ପ୍ରେମରେ ପଡିଛନ୍ତି। ଯଦି ଆପଣ ପୁଣି ସେହି ବନ୍ଧୁଙ୍କ ପତ୍ନୀଙ୍କୁ ପ୍ରେମ କରି ଆଗକୁ ଆଗାନ୍ତି ତା'ହେଲେ ତାହାର ପରିଣାମ କ'ଣ ହେବ କେବେ ଚିନ୍ତା କରିଛନ୍ତି ? ଯଦି ଆପଣଙ୍କ ପ୍ରେମିକାଙ୍କ ପତିଦେବ ଏକଥା ଜାଣିପାରନ୍ତି ତା'ହେଲେ ପରବର୍ତ୍ତୀ ସମୟରେ ଏହା ଏପରି ବିସ୍ଫୋରଣର ରୂପ ନେବ ଯାହାକୁ ସାମ୍ନା କରିବା ଆଦୌ ସହଜ ହେବ ନାହିଁ। ତେଣୁ ପୁର୍ନବାର ସେ ଶୁପ୍ତ ଘା'କୁ ଉଖୁରେଇବାକୁ ଚେଷ୍ଟା ନ କରିବା ଭଲ। ଏଭଳି ଭାବନା ଆପଣଙ୍କ ମନରୁ ଯେତେ ଶୀଘ୍ର ପୋଛି ଦେବେ ଆପଣ ସେତେ ଶୀଘ୍ର ଟେନସନ୍ ଫ୍ରି ହୋଇଯିବେ।

# ମୁଁ ମୋ ଫ୍ୟାନ୍ଙ୍କ ଫ୍ୟାନ୍



ଓଡ଼ିଆ ସିନେ ଓ ଟିଭି ଇଣ୍ଡଷ୍ଟ୍ରୀର ସେ ଜଣେ ଗ୍ଲାମର୍ସ ନାୟିକା। ଏହାବାଦ ଭୋଜପୁରୀ ଚଳଚ୍ଚିତ୍ରରେ ବି ସେ ଦେଖାଇଛନ୍ତି ନିଜ କମାଲ। କଣ୍ଠ ତାଙ୍କର ବେଶ୍ ମଧୁର। ସେ ହେଉଛନ୍ତି ଦୀପିକା ତ୍ରିପାଠୀ ରଥ। ଏଥର ସେଲିବ୍ରିଟି ସିକ୍ରେଟ୍‌ରେ ଜାଣିବା ଏହି ସୁନ୍ଦରୀ ଅଭିନେତ୍ରୀଙ୍କ ସମ୍ପର୍କରେ କିଛି...

**ସ୍ୱପ୍ନ ଥିଲା ଗାୟିକା ହେବି:** ମୋ ଘର ଭଦ୍ରକ, ସାବରଙ୍ଗରେ। ସେଇଠି ହିଁ ହେଇଛି ମୋ ସ୍କୁଲ ପଢା। ତେବେ କଲେଜ ପଢା ଭୁବନେଶ୍ୱରର ସଙ୍ଗୀତ ମହା ବିଦ୍ୟାଳୟରେ ହେଇଛି। ପିଲାଦିନେ ମୁଁ ବହୁତ ଶାନ୍ତ ଥିଲି। ବଦମାସୀ ତ ଜମାରୁ ନ ଥିଲା। ଆଉ ବହୁତ ଲାଜ କରୁଥିଲି। କ୍ୟାମେରା ସାମ୍ନାରେ ଠିଆ ହେଇପାରୁ ନ ଥିଲି। ତେଣୁ କେବେ ଭାବି ନ ଥିଲି ଅଭିନୟ ଜଗତକୁ ଆସିବି ବୋଲି। ତେବେ ଗୀତ ଗାଇବାକୁ ମତେ ବହୁତ ଭଲ ଲାଗୁଥିଲା। ଆଉ ଗାୟିକା ହେବାର ସ୍ୱପ୍ନ ବି ଦେଖୁଥିଲି। ତେଣୁ ବାପା ମତେ ସଙ୍ଗୀତ ମହାବିଦ୍ୟାଳୟରେ ଆଡମିସନ୍ କରାଇଥିଲେ।

**ଅଭିନୟରେ ଥାପିଲି ପାଦ :** ପଢା ସରୁ ସରୁ ମତେ ଏକ ମିଡିଆ ଇଭେଣ୍ଟ କରିବା ପାଇଁ ଅଫର୍ ଆସିଥିଲା। ଆଉ ସେଇଠୁ ହିଁ ମୁଁ ମିଡିଆ ପ୍ରଫେସନ୍‌ରେ ଏଣ୍ଟ୍ରି କଲି। ପରେ ମୁଁ କିଛିଦିନ ଶତାବ୍ଦୀ କଳାକାରରେ ତାଲିମ ନେଇଥିଲି। ଏହାପରେ ହଠାତ୍ ଇଟିଭିର 'ଫୋର୍ସ ଗୁରୁଡା' ନାମକ ସିରିୟଲ ପାଇଁ ଅଡିସନ୍ ଦେବାକୁ ଫୋନ୍ ଆସିଥିଲା। ସେଥିରେ ସିଲେକ୍ଟ ହେଇ ଫୋର୍ସ ଗରୁଡାରେ ଅଭିନୟ କଲି। ଏତିକିବେଳେ ସାର୍ଥକ ଚ୍ୟାନେଲ ତରଫରୁ ବି ଏକ କଲ୍ ଆସିଲା 'ଆଖିରେ ଆଖିରେ' ଫିଲ୍ମରେ ଅଭିନୟ କରିବା ପାଇଁ। ଯେଉଁଥିରେ ସିଦ୍ଧାନ୍ତ ମହାପାତ୍ର ଓ ବାବୁସାନ ଅଭିନୟ କରୁଥିଲେ। ବହୁତ ଖୁସି ହେଇଯାଇଥିଲି ଏତେ ବଡ଼ ବଡ଼ କଳାକାରଙ୍କ ସହ ଅଭିନୟ କରିବାର ସୁଯୋଗ ପାଇଥିବାରୁ। ସେ ଫିଲ୍ମ ପରେ 'ଗୋଲାପୀ ଗୋଲାପୀ' ଫିଲ୍ମରେ ଅଭିନୟ କଲି। ଏହାପରେ ତେଲୁଗୁ ଓ ଓଡ଼ିଆ ଭାଷାରେ ହୋଇଥିବା ଚଳଚ୍ଚିତ୍ର '୨୦୧୪ ଫିୟର ଅଫ୍ ଦ ଇୟର'ରେ କାମ କଲି। ପରେ 'ଏଇ ବି ଗୋଟେ ଲଭ୍ ଷ୍ଟୋରୀ', 'ଗପ ହେଲେ ବି ସତ' ଏବଂ ଭୋଜପୁରୀ ଫିଲ୍ମ 'ଦବଙ୍ଗ ସରକାର'ରେ ବି କାମ କରିବାର ସୁଯୋଗ ପାଇଲି। ଏହାବାଦ୍ ଫୋନ୍‌ରେ ଶୁଟ୍ ହୋଇଥିବା ପ୍ରଥମ ଫିଲ୍ମ 'ମୁଁ, ତୁମେ ଓ ଲକ୍‌ଡାଉନ୍'ରେ ବି ମୁଁ କାମ କରିଛି। ଏମିତି ୧୦-୧୧ଟି ଚଳଚ୍ଚିତ୍ରରେ ଅଭିନୟ କରିବା ପରେ ମୁଁ ଟେଲି ଦୁନିଆକୁ ଚାଲିଆସିଲି। 'ସରଗମ୍', 'ସୁଭଦ୍ରା', 'ମୁଁ ବି ବିଜୟିନୀ' ଆଦି ସିରିୟଲ୍‌ରେ କାମ କଲି।

**ପ୍ରଥମ କ୍ୟାମେରାକୁ ଫେସ୍ କଲାବେଳେ:** ଯେବେ ପ୍ରଥମେ କ୍ୟାମେରା ଫେସ୍ କରିଥିଲି ବହୁତ ଡରିଯାଇଥିଲି। ମୋ ପାଇଁ ବହୁତଥର ଟେକ୍ ନିଆହେଇଥିଲା। ତେଣୁ ବଡ଼ ଆର୍ଟିଷ୍ଟମାନେ ବିରକ୍ତ ହୋଇ କହିଥିଲେ କୋଉଠୁ ଆଣିଛନ୍ତି ଏ ଝିଅକୁ। ମୁଁ ଫ୍ରେଶର୍ ଥିଲି। କିଛି ଜାଣି ନ ଥିଲି। ତେଣୁ ଅନେକ କିଛି ଶୁଣିବାକୁ ପଡିଥିଲା। ତଥାପି ପଛକୁ ଫେରିବା କଥା କେବେ ବି ଭାବି ନ ଥିଲି।

**ମ୍ୟୁଜିକ ଭିଡିଓରେ ଗାଇଥିଲି:** ଅଭିନୟ ଜଗତରେ ମୁଁ ଏତେ ବ୍ୟସ୍ତ ହେଇଗଲି ଯେ, ମୋ ଭିତରର ଗାୟିକାଟି କେଉଁଠି ଲୁଚି ଯାଇଥିଲା। ହେଲେ ପରେ ସିଦ୍ଧାର୍ଥ ଶୁକ୍ଲା, ଯେକି ଏବେ ଆଉ ନାହାନ୍ତି ତାଙ୍କ ସହ ମ୍ୟୁଜିକ ଭିଡିଓ 'ଜିନା ଜରୁରୀ ହେ'ରେ କଣ୍ଠଦାନ କରିବା ସହ ଅଭିନୟ କରିବାର ସୌଭାଗ୍ୟ ପାଇଥିଲି।

**ଆକ୍ଟର ନ ହେଇଥିଲେ:** ମୁଁ ଆକ୍ଟର ନ ହେଇଥିଲେ ଆଉ କିଛି ହେଇପାରି ନ ଥାଆନ୍ତି। ଗୀତ ଶିଖିଥିଲେ ବି ମତେ ଲାଗେ ମୁଁ ସେତେ ଭଲ ଗାୟିକା ହେଇପାରି ନ ଥାଆନ୍ତି। ମୋ ଭିତରେ ଅଭିନୟର ଦକ୍ଷତା ଥିଲା, ଯାହାକୁ ମୁଁ ବହୁ ବର୍ଷ ପର୍ଯ୍ୟନ୍ତ ଜାଣିପାରି ନ ଥିଲି। ୬-୭ଟି ଫିଲ୍ମ କଲାପରେ ବି ମୋ ଭିତରର ଅଭିନୟ ଦକ୍ଷତା ମାର୍ଜିତ ହୋଇପାରି ନ ଥିଲା। ତେବେ 'ସରଗମ୍' ସିରିଏଲ୍ ପାଇଁ ଅଡ଼ିସନ୍ ଦେବାବେଳେ ଦ୍ୱାଇପାୟନ ମଜୁମଦାର, ଯାହାଙ୍କୁ ମୁଁ ମୋ ଗୁରୁ ବୋଲି ମାନେ ସେ ହିଁ ମୋ ଭିତରର ପ୍ରକୃତ କଳାକାରକୁ ଚିହ୍ନିଥିଲେ। ସେ ମତେ କହିଥିଲେ- ତୋ ଭିତରେ ଅଭିନୟ ଅଛି। ହେଲେ ତାକୁ ସଜାଡିବା ଲାଗି ତତେ ବହୁତ ପରିଶ୍ରମ କରିବାକୁ ହେବ। ଆଗରୁ ତୁ କାମ କରିଛୁ ସତ। ହେଲେ ତତେ ଏବେବି ବହୁତ କିଛି ଶିଖିବାର ଅଛି। ସେ ମୋ ଅଡିସନ୍ କ୍ଲିପ୍ ଦେଖେଇ ବୁଝେଇଥିଲେ ମୋ ବଡ଼ି ଲାଙ୍ଗୁଏଜ୍ ଠିକ୍ ନ ଥିଲା କି କ୍ୟାରେକ୍ଟର ଭିତରେ ମୁଁ ପଶି ନ ଥିଲି। ଏହାପରେ ହିଁ ଜାଣିପାରିଲି ମୁଁ ଆଗରୁ ଯେତିକି ବି କାମ କରିଛି ତାହା ପରଫେକ୍ଟ ନ ଥିଲା। ଏହାପରେ ମୁଁ ନିଜ ଅଭିନୟ ଦକ୍ଷତାକୁ ବଢାଇବା ପାଇଁ ବହୁତ ଚେଷ୍ଟା କଲି।





ସ୍ୱାମୀଙ୍କ ସହ ଦୀପିକା

**ସ୍ୱାମୀ ବହୁତ ସପୋର୍ଟିଭ:** ମୋ ସ୍ୱାମୀ ବହୁତ ସପୋର୍ଟିଭ। ସେ ଚାହାନ୍ତି ମୋର ଯାହା ଇଛା ତାହା କରେ। ହେଲେ ବିନା କାମରେ କେବେ ବସିକି ନ ରହେ।

**ସିକ୍ରେଟ୍:** ମତେ ମୋ ନିଜ ଭିତରେ ରହିବାକୁ ବେଶୀ ଭଲ ଲାଗେ। ଲୋକଙ୍କ ସହ ବେଶି ମିଶିପାରେନା। ମୋବାଇଲ୍ ସହ ମୁଁ ଏକଲା ଘଣ୍ଟା ଘଣ୍ଟା ରହିଯିବି। ମୁଁ ଆଧ୍ୟାତ୍ମିକ ବି। ଭଗବାନ ଶିବଙ୍କ ଭକ୍ତ। ତାଙ୍କୁ ହିଁ ମୋ ମନ କଥା ଜଣାଏ।

**ଖାଇବା ପସନ୍ଦ:** ମୁଁ ସବୁ ଖାଏ। ତେବେ ନନ୍‌ଭେଜ୍ ମତେ ଟିକେ ବେଶି ପସନ୍ଦ।

**ପିନ୍ଧିବା ପସନ୍ଦ:** ଭାରତୀୟ ପୋଷାକ ମୋତେ ଭଲ ଲାଗେ।

**ଫ୍ୟାନ୍:** ମୁଁ ମୋ ଫ୍ୟାନ୍ ମାନଙ୍କ ଫ୍ୟାନ୍। କାରଣ ସେମାନଙ୍କ ଅନକଣ୍ଡିସନାଲ ଭଲ ପାଇବା ପାଇଁ ହିଁ ଆମେ ଆଗକୁ ବଢୁ।

–ଶିବାନୀ ମହାନ୍ତି



## ପିଲାଦିନ ରଜ

ପିଲାଦିନେ ରଜବେଳେ ମାମୁଁଘରେ ସମସ୍ତେ ଏକାଠି ହେଉଥିଲେ। ଆଈ ବହୁତ ପିଠାପଣା କରୁଥିଲେ। ସମସ୍ତେ ମିଶି ପିଠାପଣା ସହ ନାନା ପ୍ରକାରର ଟେଷ୍ଟି ଚିକେନ୍, ମଟନ ତରକାରୀ ଖାଉଥିଲୁ। ତା'ସହ ଲୁଡୋ ଖେଳ ବି ହେଉଥିଲା। ଆଉ ଏବେ ଶୁଟିଂ ସେଟ୍‌ରେ ହିଁ ରଜ ସେଲିବ୍ରେଟ୍ କରୁଛୁ।

## ଫିଟନେସ୍ ପାଇଁ

ଫିଟ୍ ରହିବା ପାଇଁ ଖାଇବା ଓ ପାଣି ପିଇବା ଉପରେ ଧ୍ୟାନ ଦେବା ଜରୁରୀ। ଆଉ ମୁଁ ସବୁବେଳେ ମେଣ୍ଟେନ କରିକି ଖାଏ। ଅର୍ଥାତ୍ ଆଜି ଯଦି ହେଭି ଖାଉଛି ତେବେ ପରଦିନ ଲାଇଟ୍ ଖାଏ। ସପ୍ତାହକୁ ତିନି ଦିନ ସକାଳେ ସୂର୍ଯ୍ୟ ନମସ୍କାର କରେ। ମୁଁ କିନ୍ତୁ ଜିମ୍ ଯିବାକୁ ଭଲ ପାଏନା। ମତେ ଲାଗେ ଜିମ୍‌ରେ ହେଭି ଏକ୍ସର ସାଇଜ୍ କଲେ ବଡିର ଫ୍ଲେକ୍ସି ବିଲିଟି କମିଯାଇ ବଡ଼ି ଷ୍ଟିଫ୍ ହେଇଯାଏ।

## ବିଉଟି ପାଇଁ

ମୁଁ ତ୍ୱଚା ପାଇଁ କସ୍‌ମେଟିକ୍ କମ୍, ଘରୋଇ ଜିନିଷ ବେଶୀ ବ୍ୟବହାର କରେ। ଟୋନିଂ କରେ ତା'ସହ ନାଇଟ୍ କ୍ରିମ, ସନ୍‌ସ୍କ୍ରିନ୍ ଓ ମଏଶ୍ଚରାଇଜର୍ ବ୍ୟବହାର କରେ। ରିଙ୍କଲ ନ ଆସିବା ପାଇଁ ଅଣ୍ଡାର ହ୍ୱାଇଟ୍ ଅଂଶ ଓ ଆଲୋଭେରାକୁ ମୁହଁରେ ଲଗାଏ। ତା'ସହ ପୋଇ ଶାଗ ବି ଖାଏ।



ମନିଷା

ଆପଣଙ୍କ ମୁହଁ ମଡେଲ ମିରରରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନ୍ ଭିଲ୍ଲା

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ହାଃ ହାଃ

## ସାହାଯ୍ୟ

ଭିକାରୀ ଜଣେ ବ୍ୟକ୍ତିଙ୍କୁ: ବାବୁ ଟିକେ ସାହାଯ୍ୟ କରନ୍ତୁ।
ବ୍ୟକ୍ତି: କ'ଣ ହେଇଛି ତମର ?
ଭିକାରୀ: ମୁଁ ମୋ ପରିବାରଠାରୁ ଅଲଗା ହେଇଯାଇଛି। ୨୦୦ ଟଙ୍କା ଦିଅନ୍ତୁ ମୁଁ ମୋ ପରିବାର ପାଖକୁ ଯିବି।
ବ୍ୟକ୍ତି: ହଉ, ନିଅ। ହେଲେ ସେମାନେ କୋଉଠି ଅଛନ୍ତି ?
ଭିକାରୀ: ମଲ୍ଟିପ୍ଲେକ୍ସରେ ସିନେମା ଦେଖୁଛନ୍ତି।

## ସୁନ୍ଦର

ସ୍ୱାମୀ ମଦ ପିଉଥିବାରୁ ସ୍ତ୍ରୀ ଝଗଡ଼ା କରୁଥାନ୍ତି।
ସ୍ୱାମୀ: ମୁଁ ମଦ ପିଇଲେ ତମେ ଝଗଡ଼ା କରୁଛ। କିନ୍ତୁ ତମେ ଯେବେ ପାର୍ଲର ଯାଇ ହଜାର ହଜାର ଟଙ୍କା ବରବାଦ୍ କରୁଛ। ମୁଁ ତ କିଛି କହୁନି।
ସ୍ତ୍ରୀ: ମୁଁ ପାର୍ଲର ଯାଉଛି ଏଥିପାଇଁ ଯେମିତିକି ମୁଁ ତମକୁ ସୁନ୍ଦର ଦେଖାଯିବି।
ସ୍ୱାମୀ: ମୁଁ ବି ତ ସେଇଥିପାଇଁ ମଦ ପିଉଛି।
ସ୍ତ୍ରୀ: ମାନେ ?
ସ୍ୱାମୀ: ମଦ ପିଇବା ପରେ ହିଁ ତମେ ମତେ ସୁନ୍ଦର ଦେଖାଯାଅ।


## ଶାଳୀ

ଭିଣେଇଙ୍କୁ ଶାଳୀ: କିଜୁ କହିଲ ଦେଖି, ଶାଳୀ ଆଧି ଘରବାଲୀର ଅର୍ଥ କ'ଣ ?
ଭିଣେଇ: ଇଏ ହେଉଛି ଏମିତି ଏକ ସ୍କିମ୍, ଯାହା ସମ୍ପର୍କରେ ବରକୁ ବାହାଘର ପୂର୍ବରୁ କୁହାଯାଏ। ହେଲେ ସ୍କିମ୍‌ର ଫାଇଦା ଉଠାଇବାକୁ କେବେ ଦିଆଯାଏନା।

## ଶାନ୍ତିପୂର୍ଣ୍ଣ ଶୈଳନିବାସ

# ୟରକୌଡ





**ୟରକୌଡ ହେଉଛି ତାମିଲନାଡୁସ୍ଥିତ ଏକ ଲୋକପ୍ରିୟ ହିଲ୍‌ଷ୍ଟେଶନ ଟାଉନ୍ । ଏଠାକାର ପ୍ରାକୃତିକ ପରିବେଶ ଏବଂ ଶାନ୍ତ ବାତାବରଣ ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ। ସେଥିପାଇଁ ବର୍ଷର ସବୁ ସମୟରେ ଏଠାରେ ପର୍ଯ୍ୟଟକଙ୍କର ଭିଡ଼ ଦେଖିବାକୁ ମିଳିଥାଏ...**

ତାମିଲନାଡୁସ୍ଥିତ ଏକ ହିଲ୍‌ଷ୍ଟେଶନ ଟାଉନ୍ ବା ଶୈଳନିବାସ ସହର ହେଉଛି ୟରକୌଡ । ଏଠାକାର ଆକର୍ଷଣୀୟ ପ୍ରାକୃତିକ ପରିବେଶ ତଥା ଶାନ୍ତ ବାତାବରଣ ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ। ସମୁଦ୍ରପତ୍ତନଠାରୁ ପ୍ରାୟ ୫୩୨୫ ଫୁଟ ଉଚ୍ଚରେ ଅବସ୍ଥିତ ଏହି ହିଲ୍‌ଷ୍ଟେଶନରେ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ରହିଛି ଅନେକ ଉଚ୍ଚ ଉଚ୍ଚ ପାହାଡ, ୱାଚ୍ ଟାୱାର୍ ତଥା କେତେକ ଆଧାତ୍ମିକ ପୀଠ ଇତ୍ୟାଦି।

### କ'ଣ ଦେଖିବେ

ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ୟରକୌଡ ଓ ଏହାର ଆଖପାଖ ଅଞ୍ଚଳରେ ରହିଛି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ଯେମିତିକି: ଏମେରାଲ୍ଡ ଲେକ୍, ପାଗୋଡା ପଏଣ୍ଟ, ବଟାନିକାଲ୍ ଗାର୍ଡେନ, ଅନ୍ନା ପାର୍କ, ଲେଜିସ୍ ସିଟ୍, କିଲ୍ଲିୟୁର୍ ଫଲ୍ସ, ବିୟର୍ସ କେଭ୍, ଶେଭାରୟ ହିଲ୍, ଟିପ୍ପେରାରି ଭିୟୁ ପଏଣ୍ଟ, ଆନ୍ନାମାଲାୟାର୍ ଟେମ୍ପଲ ଭିୟୁ ପଏଣ୍ଟ, କରାଦିୟୁର ଭିୟୁ ପଏଣ୍ଟ, ଶେଭାରୟ ମନ୍ଦିର, ସିଲ୍କ ଫାର୍ମ, ଶ୍ରୀ ଚକ୍ର ମହାମେରୁ ମନ୍ଦିର, ରାଜା ରାଜେଶ୍ୱରୀ ମନ୍ଦିର, ଡିୟର୍ ପାର୍କ, ଅର୍ଚିଡାରିୟମ୍, କୋଟ୍ଟାଚେଡ୍ଡୁ ଟିକ୍ ଫରେଷ୍ଟ, ନର୍ଟନ୍ସ ବଙ୍ଗ୍ଲୋ, ସର୍ଭାରୟାନ୍ ମନ୍ଦିର ଇତ୍ୟାଦି। ପର୍ଯ୍ୟଟକ ଚାହିଁଲେ ୟରକୌଡ ହିଲ୍‌ଷ୍ଟେଶନ ବୁଲିବା ସହ ଏହି ସବୁ ସ୍ଥାନକୁ ବୁଲିଯାଇ କିଛିଟା ନିଆରା ଅନୁଭୂତି ଲାଭ କରିପାରିବେ।

### ୟରକୌଡର ମୁଖ୍ୟ ଆକର୍ଷଣ

ୟରକୌଡ  ମୁଖ୍ୟତଃ କ୍ୟାମ୍ପିଙ୍ଗ୍ ଆଉ ଟ୍ରେକିଂ ପାଇଁ ପ୍ରସିଦ୍ଧ। ତା'ଛଡ଼ା ଏଠାକୁ ଆସୁଥିବା ପର୍ଯ୍ୟଟକ ସ୍ଥାନୀୟ ଜଙ୍ଗଲ ସଫାରୀର ମଜା ମଧ୍ୟ ନେଇପାରିବେ। କେବଳ ସେତିକି ନୁହେଁ ୟରକୌଡରେ ଥିବା ସନ୍‌ସେଟ୍ ପଏଣ୍ଟରେ ବସି ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଅପୂର୍ବ ଶୋଭାକୁ ବି ଉପଭୋଗ କରିପାରିବେ। ସବୁଠୁ ବଡ଼ କଥା ହେଉଛି ସହରର କୋଳାହଳଠାରୁ ଦୂରରେ ଥିବା ଏହି ଶାନ୍ତିପୂର୍ଣ୍ଣ ଶୈଳନିବାସକୁ ପର୍ଯ୍ୟଟକ ମୁଖ୍ୟତଃ କିଛି ମୁହୂର୍ତ୍ତ ନିରୋଳାରେ ଛୁଟି କଟାଇ ଆନନ୍ଦ ଲଭିବାକୁ ଆସିଥାନ୍ତି।







## କେବେ ଓ କେମିତି ଯିବେ

କୁହାଯାଏ, ୟରକୌଡର ଜଳବାୟୁ ବର୍ଷକ ବାରମାସ ପ୍ରାୟତଃ ଥଣ୍ଡା ରହିଥାଏ। ସେପ୍ଟେମ୍ବର ପରଠୁ ଏଠାରେ ଶୀତର ପ୍ରକୋପ ଟିକେ ବେଶୀ ଅନୁଭୂତ ହୋଇଥାଏ, ଯାହା ପ୍ରାୟ ଜାନୁୟାରୀ ଶେଷ ପର୍ଯ୍ୟନ୍ତ ରହେ। ତେବେ ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ୟରକୌଡକୁ ଯିବାପାଇଁ ପ୍ରକୃଷ୍ଟ ସମୟ ହେଉଛି ଅକ୍ଟୋବରରୁ ଜୁନ୍। କାରଣ ଏହି ସମୟରେ ବୁଲାବୁଲି କରିବାକୁ ଏଠାକାର ପାଣିପାଗ ପୂରା ଉତ୍ତମ ରହିଥାଏ। ସେହିପରି ଏଠାକୁ ଯିବାପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ସାଲେମ୍ ଏୟାରପୋର୍ଟ ହେଉଛି ଏହାର ନିକଟତମ ବିମାନବନ୍ଦର। ସେହିପରି ସାଲେମ୍ ଜଙ୍କସନ୍ ରେଲୱେ ଷ୍ଟେଶନ ହେଉଛି ଏହାର ନିକଟତମ ତଥା ମୁଖ୍ୟ ରେଳଷ୍ଟେଶନ। ତା'ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ଟୁରିଷ୍ଟ ବସ୍ ବି ଯା'ଆସ କରିଥାଏ। ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେମାନେ ସେଥିରେ ଯାଇ ଆରାମରେ ୟରକୌଡରେ ପହଁଞ୍ଚିପାରିବେ।

### ଜରୁରୀ ଜାଣିବା କଥା

ସୂଚନାନୁଯାୟୀ, ୟରକୌଡରେ କୁଆଡ଼େ ବିଭିନ୍ନ ପ୍ରକାରର ଫଳ ଚାଷ କରାଯାଇଥାଏ। କଫି ଚାଷ ବି ଏଠି ଭଲ ହୁଏ। ବିଭିନ୍ନ ପ୍ରକାରର ମସଲାଜାତ ଦ୍ରବ୍ୟର ଉତ୍ପାଦନ ବି ଏଠି ଭଲ ହୋଇଥାଏ। ଏଠାକୁ ବୁଲି ଆସୁଥିବା ପର୍ଯ୍ୟଟକ ବେଶ୍ ସୁଲଭ ଦରରେ ଏହି ସବୁ ଜିନିଷ ଏଠାରୁ କିଣି ନେଇଥାନ୍ତି।







# ବବଲ୍ ଗମ୍ – ଚୁଇଂଗମ୍





**ପିଲାଦିନେ ପ୍ରାୟ ସମସ୍ତେ ବବଲ୍ ଗମ୍ ଖାଇ ତାକୁ ପାଟିରେ ବେଲୁନ୍ ପରି ଫୁଲେଇଥିବେ। ସେମିତି ଚୁଇଂ ଗମ୍ ବି ଖାଇଥିବେ। ଅନେକେ ଭାବନ୍ତି ବବଲ୍ ଗମ୍ ଯାହା, ଚୁଇଂଗମ୍ ସେଇଆ । ହେଲେ ନା, ଏକାପରି ଲାଗୁଥିଲେ ହେଁ ଦୁଇଟି ଯାକ ଅଲଗା। ତେବେ ଏହା ଭିତରର ଫରକ କ'ଣ? ଆଉ ଏହାକୁ କେବେ ଓ କିଏ ତିଆରି କରିଥିଲେ ଜାଣନ୍ତି କି? ସେ ସମ୍ପର୍କରେ କିଛି...**

**କେବେଠୁ ଅଛି ଚୁଇଂଗମ୍ :** ବବଲ୍ ଗମ୍‌ର ବହୁ ଆଗରୁ ତଥା ନିଓଲିଥିକ ପିରିୟଡ ଅର୍ଥାତ୍ ନ୍ୟୁ ଷ୍ଟୋନ୍ ଏଜ୍‌ରୁ ଚୁଇଂ ଗମ୍ ଥିବା ଜଣାଯାଏ । ୫୦୦୦ ବର୍ଷ ପୂର୍ବେ ଧଳାଆକାସିଆ ଗଛ ଛାଲିର ଟାର୍‌ରୁ ଚୁଇଂଗମ୍ ତିଆରି ହେଉଥିଲା । ଏହି ଟାର୍‌ରୁ ତିଆରି ଗମ୍‌ରେ ଆଣ୍ଟିସେପ୍ଟିକ୍ ପ୍ରପର୍ଟି ଓ ଅନ୍ୟାନ୍ୟ ଔଷଧୀୟ ଗୁଣ ରହୁଥିଲା । ମାୟା ସଭ୍ୟତାରେ ପ୍ରାକୃତିକ ଅଠା ବା ଚିକଲ୍ ଗଛର ଅଠା ବ୍ୟବହାର କରୁଥିଲେ ଚୁଇଂଗମ୍‌ର ବେସ୍ ତିଆରି କରିବା ପାଇଁ । ତେବେ ୧୮୬୦ରେ ଆଧୁନିକ ଚୁଇଂଗମ୍ ତିଆରି ହୋଇଥିଲା ।

**ବବଲ୍ ଗମ୍‌ର ଇତିହାସ:** ବବଲ୍ ଗମ୍ ତିଆରି କରିବାର ଯୋଜନା ପ୍ରଥମେ ଫିଲାଡେଲଫିଆସ୍ଥ ଫ୍ଲିୟର କର୍ପୋରେଶନ୍‌ର ସଂସ୍ଥାପକ ଫ୍ରାଙ୍କ ଏଚ୍ ଫ୍ଲିୟର୍‌ଙ୍କ ମନକୁ ଆସିଥିଲା । ୧୯୦୬ରେ ସେ ପ୍ରଥମ ବବଲ୍ ଗମ୍ ତିଆରି କରିଥିଲେ । ସେ ନିଜର ଏହି ଆବିଷ୍କାରର ନାଁ ଦେଇଥିଲେ 'ବ୍ଲିବର୍–ବ୍ଲବର' । ଏହି ଗମ୍‌କୁ ପାଟିରେ ବେଲୁନ୍ ପରି ଫୁଲେଇ ହେଉଥିଲା । ହେଲେ ଏହା ସାଧାରଣ ଚୁଇଂଗମ୍‌ଠାରୁ କମ୍ ସ୍ୱାଦିଷ୍ଟ ଥିଲା । ତେଣୁ ଏହାକୁ ସେ ବଜାରକୁ ଛାଡି ନ ଥିଲେ ।। ୧୯୨୮ରେ ଫ୍ଲିୟରଙ୍କ କର୍ମଚାରୀ ୱାଲ୍ଟର ଡିଏମର୍ ବ୍ଲିବର–ବ୍ଲବର୍ ଫର୍ମୁଲାରେ ଆଉ କିଛି ପରିବର୍ତ୍ତନ ଆଣି ପ୍ରଥମ ସଫଳ ବବଲ୍ ଗମ୍ ତିଆରି କରିଥିଲେ । ଯାହାକି 'ଡବଲ୍ ବବଲ୍' ନାମରେ ବଜାରରେ ଉପଲବ୍ଧ ହେଲା । ଆଉ ଏହା ଲୋକଙ୍କୁ ବେଶ୍ ପସନ୍ଦ ବି ଆସିଲା । ଏହାର ଗୋଲାପୀ ରଙ୍ଗ ପରବର୍ତ୍ତୀ ସମୟରେ ଗୋଲାପୀ ବବଲ୍ ଗମ୍‌ର ଧାରା ସୃଷ୍ଟି କଲା । ବବଲ୍ ଗମ୍ ତିଆରି ହେବା ପରେ ଫ୍ଲିୟର ଏହାର ପ୍ରଥମ ବ୍ୟାଚ୍ ୧୯୨୮ରେ ଏକ ଦୋକାନକୁ ପଠାଇଥିଲେ । ବିକ୍ରି କରିବା ଲାଗି ସେ ସେଲ୍ସମ୍ୟାନକୁ ବି ବବଲ୍ ଗମ୍ ଫୁଲେଇବାର ଉପାୟ ଶିଖାଇଥିଲେ । ଯଦ୍ୱାରା କି ଗ୍ରାହକମାନେ ତାଙ୍କଠାରୁ ଦେଖି କୌତୁହଳର ସହ ଶିଖିବେ ଓ କିଣିବେ । ଏହି ଯୋଜନା ସଫଳ ବି ହେଇଥିଲା । ଆଉ ଆଶ୍ଚର୍ଯ୍ୟର କଥା ତାଙ୍କର ପୁରା ବ୍ୟାଚ୍ ଗୋଟିଏ ଦିନରେ ବିକ୍ରି ହୋଇଯାଇଥିଲା ।

**ବବଲ୍ ଗମ୍ ଓ ଚୁଇଂଗମ୍ ଭିତରେ ଫରକ:** ଏହି ଦୁଇଟି ଭିତରେ ବହୁତ ଛୋଟ ଫରକ ରହିଛି । ବବଲ୍ ଗମ୍‌କୁ ଆମେ ଖାଇବା ପରେ ଫୁଲେଇ ପାରୁ । କିନ୍ତୁ ଚୁଇଂ ଗମ୍‌କୁ ଫୁଲେଇ ହୁଏନା ।





# ପୋକ ଆକର୍ଷିତ କରିବା ଖେଳ

**ଖେ**ଳ, ମନୋରଞ୍ଜନ ସହ ମନ ଫୁର୍ତ୍ତି କରାଏ ଓ ଶରୀରକୁ ସୁସ୍ଥ ରଖେ । ପୃଥିବୀରେ ଅନେକ ପ୍ରକାରର ଖେଳ ଅଛି। ତେବେ ବ୍ରିଟେନରେ ଏମିତି ଏକ ଖେଳ ଖେଳାଯାଏ ଯାହାକି ବେଶ୍ ଅଜବ। ଆମେ ସାଧାରଣତଃ ଯେଉଁ ପୋକଗୁଡିକ ଘରେ ପଶିଲେ ଅବିଳମ୍ବେ ବାହାରକୁ ଫିଙ୍ଗିଦେଉ ଏହି ଖେଳରେ ସେଗୁଡିକୁ ଯେକୌଣସି ଉପାୟ ଅବଲମ୍ବନ କରି ନିଜ ଆଡ଼କୁ ଆକର୍ଷିତ କରି ଆଣିବାକୁ ହୁଏ । ଏଥିପାଇଁ ପ୍ରତିଯୋଗିମାନଙ୍କୁ ବହୁତ କଷ୍ଟ କରିବାକୁ ପଡ଼େ। ଏହି ଖେଳର ନାମ ହେଉଛି 'ୱାର୍ଲଡ ୱର୍ମ ଚାର୍ମିଂ ଚାମ୍ପିୟନଶିପ' । ଏହି ପ୍ରତିଯୋଗିତାରେ ପ୍ରତିଯୋଗିମାନଙ୍କୁ ଏକ ଘାସ ପଡ଼ିଆର ୨ ବର୍ଗ ମିଟର ଜାଗା ଦିଆଯାଏ। ପ୍ରତିଯୋଗୀମାନେ ଅଧଘଣ୍ଟା ଭିତରେ ପଡ଼ିଆର ସେହି ସ୍ଥାନରେ ଲୁଚି ରହିଥିବା ପୋକକୁ ବିଭିନ୍ନ ଟ୍ରିକ୍ ବ୍ୟବହାର କରି ଯେମିତିକି ପାଣି ଦେଇ, ନାଚ କରି, ଡ୍ରମ ବଜାଇ ନିଜ ଆଡ଼କୁ ଆକର୍ଷିତ କରିବାକୁ ଚେଷ୍ଟା କରନ୍ତି। ଏଥିରେ ପ୍ରତିଯୋଗିଙ୍କୁ ମାଟି ଖୋଳିବା ହତିଆର ବ୍ୟବହାର କରିବା ନିଷେଧ ଥାଏ। ସାଧାରଣତଃ ଭୂମି ଉପରର ଡିଆଁ ଡେଇଁର ଭାଇବେଶନ୍‌ରେ ମାଟି ଭିତରର ପୋକ ବାହାରକୁ ବାହାରି ଥାଆନ୍ତି। ତେଣୁ ସେଇଭଳି କିଛି ଟ୍ରିକ ପ୍ରତିଯୋଗୀମାନେ ବ୍ୟବହାର କରନ୍ତି। ପ୍ରତିଯୋଗିତାରେ ଯିଏ ଅଧିକ ପୋକ ମାଟିରୁ ବାହାର କରି ନିଜ ଆଡ଼କୁ ଆଣିପାରନ୍ତି ସେ ଜିତନ୍ତି। ପ୍ରତିଯୋଗିତା ସରିବା ପରେ ପୋକଗୁଡିକୁ ଛାଡି ଦିଆଯାଏ। ୧୯୮୦ରେ ଏହି ଖେଳ ପ୍ରଥମେ ଖେଳା ଯାଇଥିଲା।



**କଥା ଚାଟ୍**

ଓଁ ଅଭିଜ୍ଞାନ ସାହୁ

# କାହାର ପୁଷ ମାସ, କାହାର ସର୍ବନାଶ

ପ୍ରାୟ ପାଞ୍ଚ ଛଅ ବର୍ଷ ତଳର କଥା । ସେଦିନ ଆମ୍ଭ ପତ୍ନୀଙ୍କ ଜନ୍ମଦିନ ଥାଏ । ସବୁ ବର୍ଷପରି ତାଙ୍କୁ ନ ଠକି ସେ ବର୍ଷ ମୋ ତରଫରୁ ଆଗୁଆ କହିଦେଇଥିଲି ଏଥର ତୁମ ଗିଫ୍ଟଟା ପକ୍କା । ମୋ କ୍ରେଡିଟ୍ କାର୍ଡ ନେଇଯାଅ ଓ ତୁମ ପସନ୍ଦର ଜିନିଷ ତୁମେ ନିଜେ କିଣିଦିଅ । ମୁଁ ଜାଣିଛି ସେ ଆଦୌ ବଦ୍‌ଖର୍ଚ୍ଚୀ ନୁହନ୍ତି । ତେଣୁ କ୍ରେଡିଟ୍ କାର୍ଡ ଦେବାରେ କୌଣସି ଅସୁବିଧା ନ ଥିଲା । ସେ ମଧ ଆଗରୁ ସବୁ ପ୍ରସ୍ତୁତି ସାରିଦେଇଥିଲେ । କେଉଁ କେଉଁ ଦୋକାନରେ ନୂଆ ଷ୍ଟକ୍ ଆସିଛି କିମ୍ବା କେଉଁ ଦୋକାନର କେଉଁ କୋଣରେ କି ପ୍ରକାରର ଡିଜାଇନ ସବୁ ଅଛି ତାହାର ଆଗୁଆ ରିସର୍ଚ୍ଚ ତାଙ୍କର ସରିଥିଲା । କେଉଁ ଦୋକାନରେ କେବଳ ଆଜିପାଇଁ ସବୁ ଜିନିଷରେ ୭୦% ଛାଡ଼ କିମ୍ବା ଗୋଟିଏରେ ଦୁଇଟା ଫ୍ରି ଭଳି ଅଫର ଚାଲିଛି ଇତ୍ୟାଦି । ଏମିତିରେ ବର୍ଷଯାକ କୌଣସି ନା କୌଣସି ଦୋକାନରେ ଅଫର ଚାଲିଥାଏ । ବିଶେଷକରି ଆମ ପତ୍ନୀଙ୍କୁ ଫ୍ରି ଅଫର ବେଶି ଆକର୍ଷିତ କରେ । ଥରେ ପତ୍ନୀ ମହୋଦୟା ଏକ ଦାମୀ ଶାଢ଼ି କିଣିଥା'ନ୍ତି । ଏତେ ଅଧିକ ଟଙ୍କା ଖର୍ଚ୍ଚ କରିଥିବା ହେତୁ ମୋତେ ବିରକ୍ତ ହେବା ଦେଖି ପତ୍ନୀ କହିଲେ ''ତୁମେ କେତେଥର କହିଲଣି ତୁମ ରୁମାଲ ସବୁ ପୁରୁଣା ହୋଇଗଲାଣି ନୂଆ ରୁମାଲ କିଣିବ କିଣିବ ବୋଲି ଆଜି ଯାଏ କିଣି ନ ଥିଲ । ଏ ଶାଢ଼ି ସହ ଗୋଟେ ରୁମାଲ ଫ୍ରି ଥିବାରୁ ବାଧହୋଇ ଶାଢ଼ି କିଣିବାକୁ ପଡ଼ିଲା, ନଚେତ ମୋ ପାଇଁ କ'ଣ ଦରକାର ଥିଲା ମୁଁ ତ ବାହାଘର ପରଠୁ ସେଇ ଗୋଟିଏ ଶାଢ଼ିକୁ ଧୋଇ ଶୁଖେଇ ପିନ୍ଧୁଛି ତୁମ ରୁମାଲ ପାଇଁ ବାଧରେ ଶାଢ଼ି କିଣିଲି ।''

ଏମିତିରେ ଗୃହିଣୀମାନଙ୍କୁ ବଜାରର ବିଭିନ୍ନ ଅଫର ବିଷୟରେ ଜାଣିବା ପାଇଁ ବେଶି କିଛି ରିସର୍ଚ୍ଚ କରିବାକୁ ପଡ଼େନି । ଖବର ଆପେ ଆପେ ପହଞ୍ଚି ଯାଏ । ଏପରି ଖବର ପ୍ରଚାର କରି ସାଙ୍ଗମାନେ ତଥା ପଡ଼ୋଶୀ ସ୍ତ୍ରୀ ଲୋକମାନେ ପର ଘରେ ଝଗଡ଼ା ଲଗେଇବାରେ ଓସ୍ତାଦ । ଭଗବାନ ସବୁ ଭଲ ଗୁଣ ସ୍ତ୍ରୀ ଲୋକଙ୍କୁ ଦେଇଛନ୍ତି କିନ୍ତୁ ଏ ଚୁଗୁଲି କରି ଝଗଡ଼ା ଲଗେଇବା ଗୁଣ ଯୋଗୁ ଆଜି ସେମାନେ ବଦନାମ । ଯଦି କାହାର ଗୋଟେ ନୂଆ ଜିନିଷ ଆସିଲା ତେବେ କଥାକୁ ଏମିତି ବୁଲେଇ କହିବେ ଯେମିତି ସେ ମନା କରିବା ସତ୍ତ୍ୱେ ତାଙ୍କ ସ୍ୱାମୀ ଜୋର କିମ୍ବା ରାଣ ପକେଇ ତାଙ୍କ ପାଇଁ କିଣି ଦେଲେ । ବାସ୍ ଅଧଘଣ୍ଟା ପୂର୍ବରୁ ଯେଉଁ ସ୍ତ୍ରୀ ପତି ପରମେଶ୍ୱର କହୁଥିଲେ ସେ ହଠାତ ହିଂସ୍ର ହୋଇଯା'ନ୍ତି । ତାଙ୍କ ସ୍ୱାମୀ ତାଙ୍କୁ କେତେ ଭଲ ପାଉଛନ୍ତି ତୁମେ କାହିଁକି ମୋତେ ଭଲ ପାଉନ । ବାହାଘର ବେଳେ ତ ଏତେ ସରାଗ ଥିଲା ଏବେ କୁଆଡ଼େ ଗଲା । ତୁମକୁ ବାହା ହୋଇ ମୋ ଜୀବନରେ ଟିକେ ସଉକ କ'ଣ ଜାଣି ପାରିଲି ନାହିଁ ଇତ୍ୟାଦି ଇତ୍ୟାଦି । ଆଉ ଯଦି ସେଇ ସମୟରେ ଖାଇବାକୁ ମାଗିଲ ଉତ୍ତର ଆସିବ ହାତରେ ବାଢ଼ି ନିଅ । ଘରେ ମାଗଣା ଚାକରାଣୀ ଦରକାର ଥିଲା ତ ସେଇଥିପାଇଁ ବାହା ହୋଇଛ । କେତେଥର ପରଘରେ ଅଶାନ୍ତି ସୃଷ୍ଟିକାରୀ ମହିଳାମାନଙ୍କ ସ୍ୱାମୀମାନଙ୍କୁ ପଚାରିଛି– ଭାଇ ତୁମେ କ'ଣ ତୁମ ସ୍ତ୍ରୀଙ୍କୁ ସତରେ ଏତେ ଭଲ ପାଅ । ସବୁ ସ୍ୱାମୀଙ୍କର ଉତ୍ତରଟା ପ୍ରାୟ ସମାନ ଥାଏ– 'ଭଲ ଫଲ କିଛି ନାହିଁ । କିଛି ଦିନ ପୂର୍ବେ ଦିଆସିଲିଟା ତୁମ ଘରୁ ଆସିଥିଲା ଆଜି ଆମ ଘରୁ ଯାଇଛି । ନିଆଁ ଲିଭେଇବାପାଇଁ ଆମକୁ କି କି କମ୍ପାନୀର ତୈଳ ମର୍ଦ୍ଦନ କରିବାକୁ ପଡିଛି ତାହା କେବଳ ଆମେ ଜାଣୁ । ଏବେ ତୁମ ପାଳି ଯାଅ ନିଆଁ ଲିଭେଇବାରେ ଲାଗିଯାଅ । ଯେମିତି ଏ ଲିଭାଇବା କାମ ପାଇଁ ସ୍ୱାମୀମାନଙ୍କୁ ଭଗବାନ ବିଶେଷ ଶକ୍ତି ଦେଇଛନ୍ତି । ଯଦି କୌଣସି ସ୍ୱାମୀଙ୍କୁ ଏକାନ୍ତରେ ତାଙ୍କ ମନକଥା କହିବାର ସୁଯୋଗ ମିଳେ ତେବେ ସବୁ କାହାଣୀର ସାରାଂଶ ପ୍ରାୟ ସମାନ ରହିବ । ଯାହାହେଉ ଆମଘରେ ସେଦିନ ସକାଳୁ ଶୁଭେଚ୍ଛା ପର୍ବ ଆରମ୍ଭ ହୋଇଗଲା । ଆମ୍ଭ ପତ୍ନୀ ଶୁଭେଚ୍ଛା ସବୁ ପାଇଁ ଯେତିକି ଖୁସି ନ ଥିଲେ, ତା'ଠୁ ଅଧିକ ଖୁସି ଥିଲେ ମୋ କ୍ରେଡିଟ୍ କାର୍ଡ ଓ ତାହା ପୁଣି ନିଜ ଖୁସି ଅନୁସାରେ ମାର୍କେଟିଂ କରିବାର ନିର୍ଭର ପ୍ରତିଶ୍ରୁତି ପାଇଁ । ଦିନ ୧୨ଟା ସୁଦ୍ଧା ଯେମିତି ସବୁ କାମ ସାରି ସେ ତାଙ୍କ ମାର୍କେଟିଂ ପାଇଁ ବହାରିପାରିବେ ସେଥିପାଇଁ ସକାଳୁ ଖୁବ୍ ଯୋଜନାବଦ୍ଧ ଭାବେ ଘରେ କାମ ଚାଲିଥାଏ । ଏସବୁ ଦେଖି ମୋ ମନକୁ କାହିଁକି କେଜାଣି ଟିକେ ପାପ ଛୁଇଁଲା । ଭାବିଲି ଏମିତି ମୋ କାର୍ଡ ଓ ତା'ର ପିନ୍ ନମ୍ବରଟା ଦେଇ ବୋଧେ ଠିକ୍ କଲିନି । ଭବିଷ୍ୟତରେ ହୁଏତ ଅସୁବିଧାରେ ପଡ଼ିପାରେ । ଯଦି ଖର୍ଚ୍ଚ ଅଧିକା ହୋଇଯାଏ ତେବ କ'ଣ ହେବ । ହଉ କଥା ତ ଦେଇଛି ଏବେ ଚିନ୍ତା କରି କି ଲାଭ । ସବୁ ସେଇ କାଳିଆର ଇଚ୍ଛା । ଯାହା ଭୋଗିବାର ଯୋଗ ଥିବ ସେଇଆ ହେବ ।

ଯୋଗଟା ଯେ ସବୁ ବେଳେ ମୋର ଖରାପ ପଡ଼େ ସେମିତି କିଛି ମାନେ ନାହିଁ । ବିଲେଇ ଭାଗ୍ୟକୁ ସିକା ଛିଣ୍ଡିଲା ପରି ଏତିକିବେଳେ ଜଣେ ଶୁଭେଚ୍ଛୁଙ୍କର ହ୍ୱାଟ୍ସଆପ୍‌ରେ ଗୋଟେ ମେସେଜ ଆସିଲା– ଟିଭିରେ କଟକରେ ନିଆଁ ଲାଗିଥିବା ଖବର ଦେଖିଲି । ତୁମଘର ସେହି ପାଖାପାଖି ବୋଧେ । ତୁମର ସବୁ ଠିକ୍‌ଠାକ ତ ? ମୁଁ ହଠାତ୍ ଚମକି ପଡ଼ିଲି । କ'ଣ ମୋ ଘର ନିଆଁଟା ଉଡିକି ଆଉ କାହା ଘରେ ପଡିଲାକି । ଟିଭି ଖୋଲି ଦେଖିଲା ବେଳକୁ କଟକ ବାଦାମବାଡ଼ିର ଗୋଟେ ବଡ଼ ଲୁଗା ଦୋକାନରେ ନିଆଁ ଲାଗିଛି । ସବୁ ରାସ୍ତା ବନ୍ଦ । ଲୋକ ଭିଡ଼ । ଦଶ ଦଶଟା ଦମକଳ ଲାଗିଛି ନିଆଁ ଲିଭେଇବାକୁ । ପୁଣି ନ୍ୟୁଜରେ କହୁଛି ଆଜି କଟକରେ ଅନ୍ୟ ତିନିଟା ଜାଗାରେ ନିଆଁ ଲାଗିସାରିଲାଣି । ଦୁଇଟି ଆୟତ୍ତ ହେଲାଣି ଆଉ ଗୋଟେ ଅଣାୟତ୍ତ । ଏହା ପରେ ଆଉ କେଉଁଠି ଲାଗିବ କହିହେବ ନାହିଁ ।

କାହା ଘରେ ନିଆଁ ଲାଗିଲେ ଖୁସି ହେବା ଉଚିତ ନୁହେଁ, ବରଂ ଯଦି ସମ୍ଭବ ସେଠି ନିଆଁ ଲିଭେଇବାରେ ସାହାଯ୍ୟ କରିବା ଉଚିତ । ଏତକ କଥା ଜାଣିବା ସତ୍ତ୍ୱେ କାହିଁକି କେଜାଣି ମୋ ମନଟା କୁରୁଳି ଉଠିଲା । ପତ୍ନୀଙ୍କୁ ଡାକି କହିଲି ଯିବ କୁଆଡ଼େ ଦେଖ କି ଅବସ୍ଥା । ରାସ୍ତାରେ ଗାଡି ଜାମ । ନ୍ୟୁଜ କହୁଛି ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଯାଞ୍ଚ ପାଇଁ ଏବେ ସବୁ ବଡ଼ ବଡ଼ ଦୋକାନରେ ଚଢ଼ାଉ ହେବ । ତେଣୁ ସବୁ ଦୋକାନୀ ଭୟରେ ସେମାନଙ୍କ ଦୋକାନ ବନ୍ଦ କରିଦେଇଛନ୍ତି । ଥାଉ ଆଉ କୁଆଡ଼େ ଯିବା ଦରକାର ନାହିଁ ।

ଅବଶ୍ୟ ସବୁ ଦୋକାନୀ ଚଢ଼ାଉ ଭୟରେ ଦୋକାନ ବନ୍ଦ କରିଦେଇଛନ୍ତି କଥାଟା ମୁଁ ମିଛରେ ଯୋଡିଥିଲି । ଯାହାହେଉ କାଳିଆ ମୋ ଡାକ ଶୁଣିଲେ । ପତ୍ନୀଙ୍କ ମାର୍କେଟ ଯିବା ବନ୍ଦ ରହିଲା । ଧନ୍ୟବାଦ ସେ ଶୁଭେଚ୍ଛୁଙ୍କୁ ଯିଏ ଠିକଣା ସମୟରେ ମୋତେ ଜଣେଇଦେଲେ । ଆଉ ମୋ ମିଛଟା ଭଲ କାମଦେଲା । ସେଇଥିପାଇଁ ତ କୁହନ୍ତି ଭଲ କାମ ପାଇଁ ମିଛ କହିଲେ କିଛି ପାପ ନାହିଁ ।




–ଖାନ୍‌ନଗର, କଟକ
ମୋ: ୯୪୩୭୦୧୦୭୫୮

## ପୁସ୍ତକ ସମୀକ୍ଷା

### ଭୁବନେଶ୍ୱରୀ

**ଡ.ଶଶି ରଥ, ଲିପିକା, ନିଜିଗଡ଼ କୁରୁଖି**
**ହରିରାଜପୁର, ଜଟଣୀ, ପୁରୀ, ମୂଲ୍ୟ– ୧୮୦ଟଙ୍କା**

'ଭୁବନେଶ୍ୱରୀ' ଡ. ଶଶି ରଥଙ୍କ ଗପ ପୁସ୍ତକ । ଏଥିରେ ୧୨ଟି ଗପ ପ୍ରକାଶିତ ହୋଇଛି । ପ୍ରଥମ ଗପ ହେଉଛି ମାଟି ହାଣ୍ଡି କଥା । ହୁରୁଦା କୁମ୍ଭାର ମାଟି ହାଣ୍ଡି ଗଢାରୁ ଗପ ଆରମ୍ଭ ହୋଇ ତା' ଝିଅ ଲଳିତା ବାହାଘର ପର୍ଯ୍ୟନ୍ତ ଗପଟି ଚମତ୍କାର ଭାବେ ବର୍ଣ୍ଣନା କରାଯାଇଛି । ସେ ଚକରେ କଞ୍ଚାଳ ମାଟିରେ ହାଣ୍ଡି, ମାଠିଆ, ପଲମ, ସୁରେଇ ଆଦି ତିଆରି କରିପାରେ । ତା' ନିର୍ମିତ ମାଟିପାତ୍ର ଅନେକଙ୍କ ଜୀବନକୁ ମଙ୍ଗଳମୟ କରିପାରିଛି । ଗପଟି ବେଶ୍ ସୁଖପାଠ୍ୟ ହୋଇଛି । ସେହିପରି ଦ୍ୱିତୀୟ ଗପର ନାଁ ଭୁବନେଶ୍ୱରୀ । ପ୍ରଫେସର ତ୍ରିପାଠୀଙ୍କ ଘର ରାଜଧାନୀ ଉପକଣ୍ଠରେ । ଯାହାର ନାଁ ସେ ଦେଇଛନ୍ତି ଭୁବନେଶ୍ୱରୀ । ସେଇ ଘର ଓ ତାଙ୍କ ପୁଅଙ୍କୁ ନେଇ ଏଇ କାହାଣୀ । ଏଇ କାହାଣୀ ସହ ପୁସ୍ତକର ଅନ୍ୟ ସବୁ ଗପ ବି ହୃଦୟସ୍ପର୍ଶୀ । ପୁସ୍ତକଟି ପାଠକୀୟ ସ୍ୱୀକୃତି ଲାଭ କରିବ ବୋଲି ଆଶା ।




### ଯେତେ ଦୂରେ ଥାଅ ପଛେ

**ଗଦାଧର ମିଶ୍ର**
**ଏଥେନା ବୁକ୍ସ, ଭୁବନେଶ୍ୱର, ମୂଲ୍ୟ–୧୬୦ଟଙ୍କା**


'ଯେତେ ଦୂରେ ଥାଅ ପଛେ' ଗଦାଧର ମିଶ୍ରଙ୍କ କବିତା ପୁସ୍ତକ । ଏଥିରେ ୪୦ଟି କବିତା ପ୍ରକାଶିତ ହୋଇଛି । ପ୍ରୀତି ପାର୍ବଣରୁ ଆରମ୍ଭ ହୋଇ ଯେତେ ଦୂରେ ଥାଅ ପଛେରେ ଶେଷ ହୋଇଛି । କବିତାଗୁଡିକରେ ଦୁଇଟି ମୁଖ୍ୟ କଥା ରହିଛି । ଗୋଟିଏ ଆଶ୍ଚର୍ଯ୍ୟ ଭାବ ଓ ଅନ୍ୟଟି ଛୋଟ କଥାରେ ଭାଙ୍ଗି ପଡିବା । ଯେମିତି ନିଃଶବ୍ଦ ନିସଙ୍ଗତା/ତା' ସହିତ/ ଶୁନ୍‌ଶାନ୍ ଇଲାକା ମଧ୍ୟରେ/ପରିଚିତ ତୁମସ୍ୱର/ଅଚାନକ ଆଶ୍ଚର୍ଯ୍ୟ କରେ।(ଦୁର୍ଘଟଣା–ପୃଷ୍ଠା–୪୧) । ସେହିପରି ଯାହାର ପଦପାତେ ବସନ୍ତ ଆସେନା/ ପଦ୍ମ ଫୁଟେନା/ବଂଶୀ ବାଜେନା/କୋଇଲି ଗାଏନା/ ଧ୍ୱଂସହୁଏ ପ୍ରୀତିପଦ /ସୁନେଲି ସକାଳ/ ନୀଳାକାଶେ ଘୋଟିଆସେ/ ଯନ୍ତ୍ରଣାର ପ୍ରଚଣ୍ଡ ଧୂମାଳ । (ମନ ଭଲ ନାହିଁ–ପୃଷ୍ଠା ୮୦) । ପ୍ରତ୍ୟେକ କବିତାରେ ଅନେକ ଭାବାବେଗ ରହିଛି, ଯାହା ପାଠକଙ୍କୁ ବାନ୍ଧି ରଖିବ ।




### ରାଜନୀତି ଭୋଗିବାର କାହାଣୀ

**ଅଧ୍ୟାପକ ବିଶ୍ୱରଞ୍ଜନ**
**ପେନ୍‌ଇନ୍ ବୁକ୍ସ, ଆଚାର୍ଯ୍ୟ ବିହାର**
**ଭୁବନେଶ୍ୱର, ମୂଲ୍ୟ– ୨୯୯ଟଙ୍କା**

'ରାଜନୀତି ଭୋଗିବାର କାହାଣୀ' ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ପୁସ୍ତକ । ଏଥିରେ ୪୫ଟି ବିଷୟରେ ଆଲୋଚନା କରାଯାଇଛି । ପ୍ରବନ୍ଧଗୁଡିକରେ ବର୍ତ୍ତମାନ ସମୟର ରାଜନୀତିକୁ ନେଇ ଲେଖକଙ୍କର ଯେତିକି କ୍ଷୋଭ ରହିଛି ସେତିକି ସମାଜକୁ ସଚେତନତାର ବାର୍ତ୍ତା ମଧ ଦେଇଛନ୍ତି । ଶେଷ ବିଷୟରେ ସେ ରାଜନୀତି ଭୋଗିବାର କାହାଣୀ କଥାକୁ ବି ବ୍ୟଙ୍ଗାକାରରେ ଲେଖିଛନ୍ତି ଯେ, ଆଜିକାର ଦିନରେ ମୁଁ ରାଜନୀତିକୁ ଭୋଗିବି । ଅଥଚ ଲେଖିବି ନାହିଁ ସେହି କାହାଣୀ । ମୁଁ ରାଜନେତାଙ୍କୁ ଶୁଣିବି ମନଦେଇ । ଶୁଣିବି କାନ ଦେଇ । ଅଥଚ ମୋ କଥା କହିବି ନାହିଁ? କିଛି ପ୍ରଶ୍ନ କରିବି ନାହିଁ ? ଏହା କି ପ୍ରକାର ସ୍ୱାଧୀନତା ? ପୁସ୍ତକରୁ ଯେଉଁ ପ୍ରବନ୍ଧ ପଢନ୍ତୁ ତାହା ଶିକ୍ଷଣୀୟ ଓ ଚିନ୍ତା ଉଦ୍ରେକକାରୀ ।



# ରୋମାଞ୍ଚରେ ଭରା ଏଇ ଦୋଳି

ଦୋଳି ଖେଳିବାର ମଜା ଅଲଗା। ଛୋଟରୁ ବଡ଼ ସମସ୍ତେ ଏହାକୁ ଖେଳିବାକୁ ଭଲ ପାଆନ୍ତି। ଆଉ ବାଙ୍ଗାଲୁରରେ ଅଛି ଭାରତର ଏମିତି ଏକ ଦୋଳି ଯେଉଁଥିରେ ରୋମାଞ୍ଚର ଖୋରାକ ଭରପୁର ମିଳିବ। ଏରିଆ୮୩ ଅଞ୍ଚଳରେ ଥିବା ଉକ୍ତ ଦୋଳି ଭୂମିଠାରୁ ୫୦ ଫୁଟ ପର୍ଯ୍ୟନ୍ତ ଝୁଲାଇଥାଏ। ଏଥିରେ ଦୁଇଜଣ ବସିବାର ସୁବିଧା ରହିଛି। ତେଣୁ ନିଜର ପ୍ରିୟ ମଣିଷ ସହ ଏକାଠି ବସି ଏହି ଦୋଳି



ଖେଳର ରୋମାଞ୍ଚକୁ ଅନୁଭବ କରିହେବ। ପ୍ରଥମେ ତ ବହୁତ ଭୟ ଲାଗିବ। ହେଲେ ଦୋଳି ନିକଟରେ ଏକ ସୁନ୍ଦର ହ୍ରଦ ଅଛି। ସକାଳ ଓ ସନ୍ଧ୍ୟା ସମୟରେ ଦୋଳି ଖେଳିବାବେଳେ ସେଠାକାର ଚମତ୍କାର ପ୍ରାକୃତିକ ସୌନ୍ଦର୍ଯ୍ୟ ସବୁ ଭୟକୁ ଦୂର କରିଦେବ। ହେଲମେଟ୍ ପିନ୍ଧି ସିଟବେଲ୍ଟ ବାନ୍ଧି ସୁରକ୍ଷିତଭାବେ ଏଇ ଦୋଳି ଖେଳିବାର ରୋମାଞ୍ଚ ଉଠେଇବାକୁ ଏଠାକୁ ଅନେକ ପର୍ଯ୍ୟଟକ ଆସନ୍ତି।

ବ୍ୟାକ୍ ପେଜ୍





# ଚଢେଇ ଘଉଡେଇବା ଚାକିରି

ପୃଥିବୀରେ ଏମିତି ଅନେକ କାମ ଅଛି, ଯାହା ଅଜବ ହେଲେ ବି ମଣିଷ କରେ। କେବେ ଆର୍ଥିକସ୍ଥିତି ବାଧ୍ୟ କରେ ଏହି କାମ କରିବାକୁ ତ ଆଉ କେବେ କମ୍ ସମୟରେ ଅଧିକ ଟଙ୍କା ରୋଜଗାର କରିବା ଚକ୍କରରେ ମଣିଷ ଏଭଳି କାମ କରିଥାଏ। ଏଇ ଯେମିତି ୟୁକେର ହ୍ୱିଟ୍ ବେ ହାର୍ବରରେ ଥିବା ଏକ ଚିପ୍ସ କମ୍ପାନୀ ଏକ ଅଜବ ପୋଷ୍ଟ ବାହାର କରିଛି। ଏହି ପୋଷ୍ଟରେ କାମ କରୁଥିବା ଲୋକଙ୍କୁ କେବଳ ଚଢେଇ ଘଉଡେଇବାକୁ ହେବ। ଆଉ ଚଢେଇ ଘଉଡେଇବାରେ ସକ୍ଷମ ହୋଇପାରିଲେ ଦିନ ପିଛା ୨୦,୦୦୦ ଟଙ୍କା ମଜୁରୀ ମିଳିବ। ପ୍ରକୃତ କଥା ହେଉଛି ଯେଉଁ ସ୍ଥାନରେ ଉକ୍ତ କମ୍ପାନୀଟି ଅଛି ସେଠାରେ ମାଛ ରଖାଯାଏ। କାରଣ କମ୍ପାନୀ ଫିଶ୍ ଚିପ୍ସ ତିଆରି କରିଥାଏ। ତେଣୁ ଏଠାରେ ଦେଖାଯାଉଥିବା ସିଗଲ୍ ଚଢେଇ କମ୍ପାନୀର କର୍ମଚାରୀଙ୍କ ଉପରେ ଆକ୍ରମଣ କରି ମାଛ ଚୋରେଇକି ଖାଇଦେଇଥାଏ। ଏହି ସମସ୍ୟାକୁ ଦୂର କରିବା ଲାଗି କମ୍ପାନୀର ମାଲିକ ଏଲେକ୍ସ ବୋୟଡ୍ ଏଭଳି ଏକ ପୋଷ୍ଟ ବାହାର କରିବାକୁ ଚିନ୍ତା କରିଥିଲେ। ଆଉ ଘୋଷଣା କଲେ ଯେ, ଯିଏବି ସିଗଲ୍ ଚଢେଇ ଘଉଡାଇ ମାଛକୁ ବଞ୍ଚାଇପାରିବ, ତାଙ୍କୁ ଦିନକୁ ୨୦,୦୦୦ଟଙ୍କା ଦିଆଯିବ। ଏଭଳି ଚାକିରି କଥା ଶୁଣି ଅନେକ ଲୋକ ଏହି କାମ କରିବା ଲାଗି ଆବେଦନ କଲେ। ତେବେ ମଜା କଥା ଏହି କାମରେ ନିଯୁକ୍ତି ପାଇଥିବା ଅନେକ ଲୋକ ସିଗଲ ଚଢେଇ ଘଉଡେଇବାରେ ସକ୍ଷମ ହେଲେନି। ଶେଷରେ କୋରୀ ନାମକ ଜଣେ ବ୍ୟକ୍ତି ଚିଲର କଷ୍ଟ୍ୟୁମ୍ ପିନ୍ଧି ଚଢେଇ ଘଉଡେଇବାକୁ ଚେଷ୍ଟା କଲେ। ଆଉ ତାଙ୍କର ଏହି ଉପାୟ କାମ ଦେଲା। କୌଣସି ଚଢେଇ ସେଠାରେ ନଜର ଆସିଲେନି। କମ୍ପାନୀ ମାଲିକ କୋରୀଙ୍କର ଏହି ଉପାୟରେ ବେଶ୍ ଖୁସି ଅଛନ୍ତି। ଆଉ ତାଙ୍କୁ ମୋଟା ଅଙ୍କର ଦରମା ବି ଦେଉଛନ୍ତି।



# ସଧବା ରୁହନ୍ତି ବିଧବା ବେଶରେ

ଭାରତରେ ବିଭିନ୍ନ ଜାତି ଧର୍ମର ଲୋକ ବସବାସ କରନ୍ତି। ତେଣୁ ଏଠାକାର ଧାର୍ମିକ ବିଶ୍ୱାସ, ନୀତି, ନିୟମ ଓ ପରମ୍ପରା ବି ଭିନ୍ନ ଭିନ୍ନ ହୋଇଥାଏ। ଏଇ ଯେମିତି ହିନ୍ଦୁଧର୍ମରେ ସଧବା ନାରୀ ସଜେଇ ହୋଇ ରହିବାର ପ୍ରଥା ରହିଛି। ହେଲେ ପୂର୍ବ ଉତ୍ତର ପ୍ରଦେଶରେ ରହୁଥିବା ଗଛୱାହ ସମ୍ପ୍ରଦାୟରେ ସ୍ୱାମୀ ବଞ୍ଚି ଥାଉ ଥାଉ ବର୍ଷକରେ ପ୍ରାୟ ୫ ମାସ ସ୍ତ୍ରୀଙ୍କୁ ବିଧବାଙ୍କ ପରି ରହିବାର ପ୍ରଥା ରହିଛି। ଏଠାକାର ବିଶ୍ୱାସ ହେଉଛି ସ୍ତ୍ରୀ ବିଧବା ଭଳି ରହିଲେ ସ୍ୱାମୀଙ୍କର ପରମାୟୁ ବଢିବ। ବହୁ ବର୍ଷ ଧରି ଏଠାକାର ନାରୀମାନେ ଏହି ପରମ୍ପରାକୁ ପାଳି ଆସୁଛନ୍ତି। ବିଧବା ପରି ରହିବା ସହ ସେମାନେ ସେହି ୫ ମାସ ଉଦାସ ବି ରୁହନ୍ତି। ଏହାପଛର କାରଣ ହେଉଛି ଏଠାକାର ପୁରୁଷ ବର୍ଷକର ପାଞ୍ଚ ମାସ ଗଛକୁ ଚଢି ତାଡି ଆଣିବା କାମ କରନ୍ତି। ତାଡି ଆଣିବା କାମ ବହୁତ କଷ୍ଟ ଓ ଟିକେ ଭୁଲ ହେଲେ ଜୀବନ ଯିବାର ଭୟ ଥାଏ। ତେଣୁ ଏହି ସମୟରେ ସ୍ତ୍ରୀମାନେ କୁଳଦେବୀ ମା' ତରକୁଲାହଙ୍କୁ ସ୍ୱାମୀଙ୍କ ରକ୍ଷା ଓ ତାଙ୍କ ଦୀର୍ଘାୟୁ କାମନା କରି ନିଜର ସମସ୍ତ ଶୃଙ୍ଗାର ସାମଗ୍ରୀ ମାତାଙ୍କ ପାଖରେ ମନ୍ଦିରରେ ରଖି ଦେଇଥାନ୍ତି। ବିଶ୍ୱାସ ରଖନ୍ତି ମା' ତାଙ୍କ ଶଙ୍ଖା ସିନ୍ଦୁରକୁ ସୁରକ୍ଷିତ ରଖିବେ।